## ବିଳମ୍ବିତ ରାତିରେ ନୂଆ ବର୍ଷକୁ ସ୍ୱାଗତ, ପୁରାତନ ବର୍ଷକୁ ବିଦାୟ

# ସହରର ବିଭିନ୍ନ ସ୍ଥାନରେ ଜିରୋ ନାଇଟ୍ ଉତ୍ସବ



**ଜୟପୁର,୦୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ବିଭିନ୍ନ ସ୍ଥାନରେ ସାଧାରଣ ଲୋକ, ସାହି, କଲୋନୀ ବାସିନ୍ଦା ମିଳିତ ଭାବେ ନୂତନ ବର୍ଷକୁ ସ୍ୱାଗତ କରିବା ସହ ପୁରାତନ ବର୍ଷକୁ ବିଦାୟ ଦେବା ନେଇ ରବିବାର ବିଳମ୍ବିତ ରାତିରେ ସଂଗୀତ ସହ ନୃତ୍ୟଗୀତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରବିବାର ରାତି ୯ଟାରୁ ପୁରୁଷ, ନାରୀ, ଯୁବକଯୁବତୀମାନେ ମିଳିତ ଭାବେ ଏକତ୍ରିତ ହୋଇ ମ୍ୟୁଜିକ ବଜାଇ ନୃତ୍ୟଗୀତ ସହିତ ମଉଜମଜଲିସରେ କେକ୍ କାଟି ଭୋଜିଭାତ ଆୟୋଜନ ସହିତ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କ୍ୟାମ୍ପ ଫାୟାର (ନିଆଁ ଜଳାଇ) ନୂତନ ବର୍ଷ-୨୦୨୪କୁ ଜିରୋ ନାଇଟରେ ସ୍ୱାଗତ କରିବା ସହ ପୁରାତନ ବର୍ଷ-୨୦୨୩କୁ ବିଦାୟ ଦେଇଥିଲେ। ନୂତନ ବର୍ଷକୁ ବାଣ ଫୁଟାଇ ସ୍ୱାଗତ କରାଯାଇଥିଲା। ସାରା ସହରର ବିଭିନ୍ନ ସାହି, କଲୋନୀଗୁଡ଼ିକରେ ଆନନ୍ଦ ଉଲ୍ଲାସରେ ଏହି ନୂତନ ବର୍ଷ ସ୍ୱାଗତ ଉତ୍ସବ ପାଳନ କରାଯାଇଥିଲା। ଜୟପୁର ସହରର ଅନ୍ୟତମ ପ୍ରତିଷ୍ଠିତ ସଂଗୀତ ଅନୁଷ୍ଠାନ ସ୍ୱରଘୁଙ୍ଗୁର ପକ୍ଷରୁ ସୋମବାର ମଧ୍ୟାହ୍ନରେ ଭୋଜିଭାତ ଆୟୋଜନ କରାଯାଇଥିବାବେଳେ ବିଳମ୍ବିତ ରାତିରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଗୀତ ଓ ସଂଗୀତ ପରିବେଷଣ ସହିତ ନବ ବର୍ଷ ପାଳନ କରାଯାଇଥିଲା। ସହରର ବିଭିନ୍ନ ହୋଟେଲଗୁଡ଼ିକରେ ନବ ବର୍ଷ ପାଳନ ନିମନ୍ତେ ଟିକଟ କରାଯାଇଥିବାବେଳେ ମ୍ୟୁଜିକ ସିଷ୍ଟମ ମାଧ୍ୟମରେ ନୃତ୍ୟଗୀତ ସହିତ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ସହରର ଜଗନ୍ନାଥ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ସମ୍ମୁଖ ରାସ୍ତାରେ ଭିଡ଼ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସୋମବାର ହୋଇଥିବା ଯୋଗୁଁ ସହରର ପଞ୍ଚାନନ, ନୀଳକଣ୍ଠେଶ୍ୱର, ବୈଦ୍ୟନାଥ, ବାଲୁଙ୍କେଶ୍ୱର, ଲୋକନାଥ, ହଟିକେଶ୍ୱର, ଭୂତନାଥ, ଅର୍ଦ୍ଧନାରୀଶ୍ୱର ଏବଂ ଅନ୍ୟାନ୍ୟ ଶିବ ମନ୍ଦିର ସହିତ ଅନ୍ୟାନ୍ୟ ମନ୍ଦିରରେ ମଧ୍ୟ ଇଂରାଜୀ ନବ ବର୍ଷ ଉପଲକ୍ଷେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଦର୍ଶନ ସହ ଭଜନ କୀର୍ତ୍ତନରେ ପୂଜାର୍ଚ୍ଚନା କରିଥିଲେ।



## ନବ ବର୍ଷରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼

ତେନ୍ତୁଳିଖୁଣ୍ଟି,୦୧(ସମିସ)

ସୋମବାର ଇଂରାଜୀ ନବ ବର୍ଷ ପାଳନ ଅବସରରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ପୁରୁଣା ବର୍ଷକୁ ବିଦାୟ ଓ ନୂତନ ବର୍ଷକୁ ସ୍ୱାଗତ ପାଇଁ ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନବ ବର୍ଷ ଶୁଭେଚ୍ଛା ବାଣ୍ଟି ଭାଇଚାରାର ସମ୍ପର୍କକୁ ନିବିଡ଼ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଶେଷ କରି ବ୍ଲକର ପାଞ୍ଚ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଯଥା- ଘୁମରେଶ୍ୱର, ଡକରାଦୋରା, ରାଇସିଂ ଯୋଡ଼ି ଝରଣା, ଇନ୍ଦ୍ରାବତୀ ଡ୍ୟାମ୍ ଓ ଝରିଗୁମ୍ମା ସ୍ଥିତ ପ୍ରସିଦ୍ଧ ଘୁମରେଶ୍ୱର ଶୈବପୀଠରେ ପ୍ରବଳ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ବିଶେଷକରି ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତରେ ଥିବା ରାଇସିଂ ଯୋଡ଼ି ଝରଣା, ଡକରାଦୋରା ଜଳ ପ୍ରପାତ ଏବଂ ଘୁମରେଶ୍ୱର ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକମାନେ ଭିଡ଼ ଜମେଇ ଭୋଜିଭାତ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। ବିଶେଷକରି ରାଜ୍ୟ ସରକାର ବିଭିନ୍ନ ମଠ ମନ୍ଦିର ତଥା ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ଲୋକଲୋଚନଠାରୁ ଅଲୋଡ଼ା ହୋଇ ରହିଥିବା ବହୁ ପର୍ଯ୍ୟଟନସ୍ଥଳୀ ବର୍ତ୍ତମାନ ଝଲସି ଉଠୁଛି। ଏହି କ୍ରମରେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବହୁଳ ମାତ୍ରାରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ସେହିପରି ଇନ୍ଦ୍ରାବତୀ ଜଳଭଣ୍ଡାର ପାର୍ଶ୍ୱ ନୂଆ ବର୍ଷ ପାଇଁ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି। ଭୋଜିଭାତର ଆସର ସହ ଗୀତ ନାଚରେ ପର୍ଯ୍ୟଟନସ୍ଥଳୀଗୁଡ଼ିକ ଚଳଚଞ୍ଚଳ ହୋଇଥିଲା।

■ ନୂତନ ବର୍ଷ ପାଇଁ କୋରାପୁଟ ସହର ଚଳଚଞ୍ଚଳ

## ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକଲେ ସଂଖ୍ୟାଧିକ ଶ୍ରଦ୍ଧାଳୁ





**କୋରାପୁଟ,୦୧(ସମିସ):** ସୋମବାର ନୂଆ ବର୍ଷ ପାଇଁ କୋରାପୁଟ ସହର ଚଳଚଞ୍ଚଳ ହୋଇଉଠିଥିଲା। ସକାଳୁ ଘନ କୁହୁଡ଼ିରେ ଦେବଦେବୀଙ୍କ ଦର୍ଶନ କରି ନୂଆ ବର୍ଷକୁ ଆରମ୍ଭ କରିଛନ୍ତି କୋରାପୁଟବାସୀ। ନବ ବର୍ଷ ପାଇଁ କୋରାପୁଟ ଜିଲ୍ଲା ଉତ୍ସବମୁଖର ହୋଇଥିବାବେଳେ କୋରାପୁଟ ସହରରେ ମଧ୍ୟ ଦେଖିବାକୁ ମିଳିଥିଲା ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼। ରବିବାର ମଧ୍ୟରାତ୍ରରେ ଜିରୋନାଇଟ୍ ମାଧ୍ୟମରେ ୨୦୨୩କୁ ବିଦାୟ ଦେଇଥିବାବେଳେ ସାରାରାତି ନାଚଗୀତରେ ସହରବାସୀ ମସଗୁଲ ଥିଲେ। ଅନ୍ୟପଟେ ସହରର ସବୁ ମନ୍ଦିରରେ ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସହରର ଶ୍ରୀରାମ ମନ୍ଦିର, ମୁତ୍ୟାଲୁମା ମନ୍ଦିର, ରାଧାକୃଷ୍ଣ, ଆଖଣ୍ଡଳମଣୀ, ବାଟମଙ୍ଗଳା ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ଶାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ ସଂଖ୍ୟାଧିକ ଶ୍ରଦ୍ଧାଳୁ। ସକାଳୁ ସକାଳୁ ସଂଖ୍ୟାଧିକ ଲୋକ ଶାବର ଶ୍ରୀକ୍ଷେତ୍ରରେ ଜଗା ଦର୍ଶନ କରି ପହିଲି ଭୋଗ ଖାଇ ଆନନ୍ଦରେ ଫେରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜନଗହଳିକୁ ଆଖି ଆଗରେ ରଖି ପୁଲିସ ମଧ୍ୟ ମୁତୟନ ହୋଇଥିଲା।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

## ଜିଲ୍ଲା ସାରା ବୁଲିବ ସଚେତନତା ରଥ



**କୋରାପୁଟ,୦୧(ସମିସ):** କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ଶୁଭାରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ଅବ୍ଦଲ ଏମ୍ ଅଖତର, ଏସ୍‌ପି ଅଭିନବ ସୋନକାର ପତାକା ଦେଖାଇ ଏହି ରଥକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୋମବାରଠାରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ମିଶ୍ର କହିଛନ୍ତି। ଏହି ରଥ ୭ ଦିନ ଧରି ଜିଲ୍ଲାର ଗାଁ ଗହଳିରେ ବୁଲିବା ସହିତ ଲୋକମାନଙ୍କୁ ସଡ଼କ ସୁରକ୍ଷା, ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଏବଂ ଓଭରଲୋଡିଂ ଉପରେ ସଚେତନ କରାଇବ ବୋଲି ସେ କହିଛନ୍ତି। ଜିଲ୍ଲାରେ ଦୁର୍ଘଟଣା ହ୍ରାସ ନିମିତ୍ତ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ

### ଯାଞ୍ଚ ହେବ କଡ଼ାକଡ଼ି: ଆରଟିଓ

ରାଲି ସମେତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାରେ ଜାରି ରହିବ। ଆମେ ଟ୍ରାଫିକ ନିୟମ ପାଳନ କରିବା ସହ ଅନ୍ୟମାନଙ୍କୁ ପାଳନ କରିବାରେ ସାହାଯ୍ୟ କରିବା ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଆଗକୁ ଯାଞ୍ଚ ଅଧିକ କଡ଼ାକଡ଼ି ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

## ଦାମନଯୋଡ଼ିରେ ନୂତନ ବର୍ଷକୁ ସ୍ୱାଗତ

ଦାମନଯୋଡି,୦୧(ସମିସ)

ନୂତନ ବର୍ଷକୁ ସୋମବାର ଦାମନଯୋଡ଼ିରେ ଆନନ୍ଦ ଉଲ୍ଲାସର ସହିତ ସ୍ୱାଗତ କରାଯାଇଛି। ଅଞ୍ଚଳବାସୀ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହିତ ବିଭିନ୍ନ ସ୍ଥାନରେ ଭୋଜିଭାତ, ନାଚଗୀତର ଆସର ଜମିଥିଲା। ବଡ଼ି ଭୋରରୁ ବହୁ ଶ୍ରଦ୍ଧାଳୁ ଏଠାକାର ଶ୍ରୀଜଗନ୍ନାଥଙ୍କ ମନ୍ଦିର ଓ ମା' କଣ୍ଟା ବାଉଁଶୁଣୀଙ୍କ ପୀଠ ସହିତ ନାଲକୋ ଟାଉନସିପ୍, ଭେଜାପୁଟ, ମାଥାଲପୁଟ ଆଦି ସ୍ଥାନରେ ଥିବା ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସୋମବାର ଥିବାରୁ ଏଠାକାର ବିଭିନ୍ନ ଶିବ ମନ୍ଦିର ଓ ଶୈବପୀଠମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା। ଏହାର ପୂର୍ବ ସନ୍ଧ୍ୟାରେ ରବିବାର ନାଲକୋ କ୍ଲବ୍ ପକ୍ଷରୁ ନୂତନ ବର୍ଷକୁ ସ୍ୱାଗତ ଜଣାଇ 'ସ୍ୱାଗତଂ-୨୦୨୪' କାର୍ଯ୍ୟକ୍ରମ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ନାଲକୋ କ୍ଲବ୍ ସଭାପତି ସୁଶିଲ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଅର୍କେଷ୍ଟ୍ରା, ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ, ଲକି ଡ୍ର' ଆଦିର ବ୍ୟବସ୍ଥା ହୋଇଥିଲା। ନୂତନ ବର୍ଷର ପ୍ରଥମ ସନ୍ଧ୍ୟାରେ ନାଲକୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ସ୍ୱତନ୍ତ୍ର ଖାଦ୍ୟମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମଟନ ଦୋକାନରେ ଭିଡ଼; କେଜି ୮୦୦

**କୋଷାଗୁମୁଡ଼ା,୦୧(ସମିସ):** ଇଂରାଜୀ ନବ ବର୍ଷରେ 'ଜିରୋ ନାଇଟ' ପାଳନ ଅବସରରେ କୋଷାଗୁମୁଡ଼ା ସଦରରେ ଥିବା ଆମିଷ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ନବ ବର୍ଷ ପାଇଁ ରବିବାର ମଟନ ଦୋକାନ ମାଲିକ ରେକର୍ଡ ସଂଖ୍ୟକ ବ୍ୟବସାୟ ହୋଇଥିବା ଜଣାପଡ଼ିଥିଲା। ଏପଟେ ଗ୍ରାହକଙ୍କ ପାଇଁ ଭଲ ମଟନ ଯୋଗାଇଦେବାକୁ ନେଇ ପ୍ରାୟ ୧୦ ଦିନର ପୂର୍ବରୁ କୋଷାଗୁମୁଡ଼ାର ମଟନ ଦୋକାନୀମାନେ ବାହାର ଜିଲ୍ଲା ଏବଂ ସ୍ଥାନୀୟ ଛେଳି ଚାଷୀଙ୍କ ପାଖରୁ ଖାସି ଛେଳିଙ୍କୁ କ୍ରୟ କରି ରଖିଥିଲେ। ମଟନ କିଲୋ ପିଛା ୮ ଶହ ଟଙ୍କାରେ ବିକ୍ରି କରାଯାଉଥିବାବେଳେ ଆଖପାଖ ବ୍ଲକର ଗ୍ରାହକମାନେ ମଧ୍ୟ ମଟନ କ୍ରୟ ପାଇଁ କୋଷାଗୁମୁଡ଼ା ସଦର ମାଂସ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି।




## ବିଳମ୍ବିତ ରାତିରେ ମଦ୍ୟପ ଗାଡ଼ିଚାଳକ ଗିରଫ

ଜୟପୁର,୦୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ମଦ୍ୟପ ଗାଡ଼ିଚାଳକଙ୍କୁ ଗିରଫ କରାଯାଇଥିବାବେଳେ କାର୍‌କୁ ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ଗିରଫ ଚାଳକ ଜଣକ ମାଛକୁଣ୍ଡ ଥାନା ଲମତାପୁଟ ଗ୍ରାମର ଶିବ ଡାର୍ଲି ବୋଲି ଜଣାପଡ଼ିଛି। ଜୟପୁର ଟାଉନ୍ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ଦ୍ରୁତଗତିରେ ଜୟପୁର ସହରର ମୁଖ୍ୟ ରାସ୍ତା ଦେଇ ଆସୁଥିବା ଏକ କାରକୁ ପୁଲିସ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଚାଳକ ଜଣକ ମଦ୍ୟପାନ କରିଥିବା ନେଇ ଜଣାପଡ଼ିଥିଲା। ପୁଲିସ ତୁରନ୍ତ କାର(ଓଡି ୦୨ ଏଏଲ-୮୩୮୪)କୁ ଜବତ କରିବା ସହ ଚାଳକ ମାଛକୁଣ୍ଡ ଥାନା ଲମତାପୁଟ ଗ୍ରାମର ଶିବ ଡାର୍ଲି (୪୦)ଙ୍କୁ ଗିରଫ କରିଥିଲେ। ସୋମବାର ଅଭିଯୁକ୍ତଙ୍କୁ ନୋଟିସ ମାଧ୍ୟମରେ ଛଡ଼ାଯାଇଥିବାବେଳେ କାରକୁ ଥାନାରେ ଅଟକ ରଖାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଶିବ ରାତି ସାଢ଼େ ୧୨ଟାରେ ଜୟପୁର ମୁଖ୍ୟରାସ୍ତା ଦେଇ ଦ୍ରୁତଗତିରେ କାର ଚାଳନା କରୁଥିବାବେଳେ ରାତ୍ରିକାଳୀନ ପାଟ୍ରୋଲିଂ ଦାୟିତ୍ୱରେ ରହିଥିବା ଏଏସ୍‌ଆଇ ରମେଶ ଚନ୍ଦ୍ର ମହାପାତ୍ର କାରକୁ ଅଟକାଇ ଯାଞ୍ଚ କରିଥିଲେ। ଚାଳକ ମଦ୍ୟପାନ କରିଥିବା ମେସିନ ମାଧ୍ୟମରେ ଜଣାପଡ଼ିଥିଲା ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି,୦୧(ସମିସ): ମାଲକାନଗିରି ଜିଲ୍ଲା ଏମଭି ୧୭ ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ସଦର ବ୍ଲକ୍ ଅନ୍ତର୍ଗତ ଏମଭି ୧୭ ଗ୍ରାମରେ ସଞ୍ଜୀବ ନାଗଙ୍କ ପରିବାର ବସବାସ କରୁଥିବାବେଳେ ସୋମବାର ସଞ୍ଜୀବଙ୍କ ଘର ମଧ୍ୟରେ ତାଙ୍କ ପୁଅ ବିକି ନାଗଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ବିକି ବେକରେ ଗାମୁଛା ଲଗାଇ ଝୁଲୁଥିବା ଦେଖି ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ବିକି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଥିବାବେଳେ ସେ ଏପରି କାହିଁକି କଲେ ତାହା ସ୍ପଷ୍ଟ ହୋଇନାହିଁ। ପୁଲିସର ତଦନ୍ତ ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି।

## ରାସ୍ତା ନ ଥିବାରୁ ଯାଇ ପାରିଲାନି ଆମ୍ବୁଲାନ୍ସ

# ଭାରରେ ବୁହାହେଲେ ଗର୍ଭବତୀ

କୋରାପୁଟ/ଦଶମନ୍ତପୁର,୦୧(ସମିସ)

ଗାଁ ଯାଏ ପକ୍କା ରାସ୍ତା ନ ଥିବାରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ସ୍ଥାନୀୟ ଆଶାକର୍ମୀ ଓ ଅନ୍ୟମାନେ ଜଣେ ଗର୍ଭବତୀଙ୍କୁ ଭାରରେ ବୋହି ଛକକୁ ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ନେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତ ହଳଦୀସିଲ ଗ୍ରାମରେ।

ହଳଦୀସିଲ ଗ୍ରାମ ଆଦିବାସୀ ସାହିର କୃତିବାସ ମୁଦୁଲିଙ୍କ ସ୍ତ୍ରୀ ଫୁଲ ମୁଦୁଲିଙ୍କୁ ସୋମବାର ପୂର୍ବାହ୍ଣରେ ପ୍ରସବଜନିତ ଯନ୍ତ୍ରଣା ହେବାରୁ ଆଶା ଦିଦି ମୁନି ଖରା ୧୦୮ ଆମ୍ବୁଲାନ୍ସ ପାଇଁ ଫୋନ୍ କରିଥିଲେ। ୧୦୮ ଠିକ୍ ସମୟରେ ଆସିଲା। କିନ୍ତୁ ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଗାଁକୁ ଯାଇ ନ ପାରି ୩ କିଲୋମିଟର ଦୂର ଅଙ୍ଗାରଗୁଡ଼ା ଛକରେ ଅଟକି ରହିଲା। ଗ୍ରାମର ଡମ ମୁଦୁଲି, କାର୍ତ୍ତିକ ମୁଦୁଲି, ଭାସ୍କର ନାୟକ, ଚନ୍ଧୁ ମୁଦୁଲି ଭାର କରି ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଛକରେ ପହଞ୍ଚିବା ପରେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଫୁଲ ମୁଦୁଲିଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା।



# ନବ ବର୍ଷର ଅଭିନନ୍ଦନ ଜଣାଇଲେ ବିଧାୟକ





**କୋରାପୁଟ,୧।୧(ସମିସ)** ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଚରଣ ସିଂହ ମୀନା ଏବଂ ଜିଲ୍ଲାପାଳ ଅବ୍ଦଲ ଏମ୍ ଅଖତରଙ୍କୁ ସାକ୍ଷାତ କରି ନବ ବର୍ଷର ଅଭିନନ୍ଦନ ଜଣାଇଛନ୍ତି। ନୂଆ ବର୍ଷ ୨୦୨୪ କୋରାପୁଟ ଜିଲ୍ଲାବାସୀଙ୍କୁ ସୁଖ ସମୃଦ୍ଧି ଆଣିଦେବା ସହ ଉନ୍ନତି ପଥରେ ଆଗେଇ ଚାଲିବାକୁ ପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ ବୋଲି ବିଧାୟକ ଶ୍ରୀ ପଡ଼ାଲ ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଭେଟି ଫୁଲତୋଡ଼ା ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ।

# ନୂଆ ବର୍ଷରେ କୋଟିଆରେ ଆନ୍ଧ୍ରର ଦଳୀୟ ପତାକା

**ପଟ୍ଟାଙ୍ଗି,୧।୧(ସମିସ):** ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବାବେଳେ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମକୁ ପ୍ରବେଶ କରିବା ଛକରେ ପୂର୍ବରୁ ଆନ୍ଧ୍ର କେନ୍ଦ୍ର ଓ ଜଗନ ସରକାରଙ୍କ ମିଳିତ ବାର୍ତ୍ତାକୁ ବହନ କରି ଏକ ଫଳକ ନିର୍ମାଣ କରିଥିବା ନଜରକୁ ଆସିଥିଲା। ଏବେ ପୁଣି ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ୱାଇଏସ୍ଆର୍ କଂଗ୍ରେସର ଦଳୀୟ ପ୍ରଚାର ପତାକା ଉଡ଼ାଇଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଧୂଳିପଦର ଗାଁର ପ୍ରବେଶ ଛକରେ ସୋମବାର ସକାଳେ 'ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ହିଁ ଆମ ଭରସା' ବୋଲି ତେଲୁଗୁରେ ଲେଖାଥିବା ପତାକା ଉତ୍ତୋଳନ କରାଯାଇଥିବା ନେଇ ସୂଚନା ମିଳିଛି। ଏହି ପତାକା ଓଡ଼ିଶାର ଧୂଳିପଦରଠାରେ ଉଡ଼ାଇ ପୁଣିଥରେ ନିଜ ଉପସ୍ଥିତିକୁ ଜାହିର୍ କରିବାକୁ ଆନ୍ଧ୍ର ଚେଷ୍ଟା କରୁଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଥାଉକି, ଗତ ଅଗଷ୍ଟ ୧୨ ତାରିଖ ସନ୍ଧ୍ୟା ସମୟରେ ଆନ୍ଧ୍ରର କିଛି ଲୋକ ଆସି ଏକ ବୋର୍ଡ ନିର୍ମାଣ କରିଥିଲେ। ସେହି ବୋର୍ଡରେ 'ନା ଭୂମି ନା ଦେଶମ, ନେଲା ତାଲିକୁ ନମସ୍କାରମ୍ ଏବଂ ଭିରୁଲିକି ନମସ୍କାରମ୍' ଲେଖାଯାଇ କିଛି ବାର୍ତ୍ତା ପ୍ରଦାନ କରାଯାଇଥିବା ନେଇ ଜଣାପଡ଼ିଥିଲା। କିନ୍ତୁ ଆନ୍ଧ୍ର ଏବଂ କେନ୍ଦ୍ରର ମିଳିତ ବାର୍ତ୍ତା ଲେଖାଯାଇଥିବା ନେଇ ଜାଣିବା ପରେ କୋଟିଆକୁ ହାତେଇବା ପାଇଁ ଆନ୍ଧ୍ର ଏକ ନୂତନ ଚାଲ୍ ଚଳାଇଥିବା ନେଇ ସେହି ସମୟରେ ଚର୍ଚ୍ଚା ଜୋର୍ ଧରିଥିଲା। ଉକ୍ତ ବୋର୍ଡ ନିକଟରେ ହିଁ ନୂତନ ବର୍ଷରେ ପୁଣି ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ୱାଇଏସଆର୍ କଂଗ୍ରେସର ଦଳୀୟ ପ୍ରଚାର ପତାକା ଉଡ଼ାଇଥିବା ଦେଖିବାକୁ ମିଳିଛି।



# ସତ୍ତା ସାହିତ୍ୟ ସଂସଦର ବର୍ଷାନ୍ତ ସାହିତ୍ୟ ଆସର




**କୋରାପୁଟ,୧।୧(ସମିସ):** ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ସତ୍ତାର ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। କବି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ଅତିଥି ଭାବେ ସାହିତ୍ୟିକ ପଦ୍ମନାଭ ସେଠୀ, ମୁଖ୍ୟବକ୍ତା ଭାବେ ଡ. ରାଜେନ୍ଦ୍ର ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ କୃଷ୍ଣ ସିଂହ, ରୀତା କରନ ଓ ମହାଦେବ ଶତପଥୀ ଯୋଗଦେଇଥିଲେ। ସତ୍ତାର ସମ୍ପାଦକ ଜୟନ୍ତ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ସମାଜର ପ୍ରଗତିରେ ସାହିତ୍ୟର ଗୁରୁତ୍ୱ ନେଇ ସେମାନେ ଆଲୋଚନା କରିଥିଲେ। ପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଜଗବନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରକୁ ଡ. ଅଶୋକ କୁମାର ମହାନ୍ତି, କମଳାକୃଷ୍ଣ ତ୍ରିପାଠୀ ଏବଂ ସବିତା ଶତପଥୀ ସଂଯୋଜନା କରିଥିଲେ। ଏଥିରେ ବହୁ କବି ସେମାନଙ୍କ ସ୍ୱରଚିତ କବିତାପାଠ କରିଥିଲେ। କାର୍ଯ୍ୟକ୍ରମରେ ନାରାୟଣ ପଣ୍ଡା, ପ୍ରପର୍ଣ୍ଣ ପାଣିଗ୍ରାହୀ, ରଞ୍ଜିତ ଜେନା, ଜୟନ୍ତ ମହାନ୍ତି, ବିଜୟ ପ୍ରଧାନ, ଝାନ୍ସି ସିଂହ, ମନୋରଞ୍ଜନ ରାଉତରାୟ, ଧୀରବତ୍ର ପାତ୍ର, ବିଦ୍ୟୁତପ୍ରଭା ରଥ, ଜାନକି ପାଣିଗ୍ରାହୀ, ନୀଳକଣ୍ଠ ଡଲିଆ, କୂଳମଣି ଦାସ, କିଶୋର ମିଶ୍ର, ସରୋଜ କୁମାର ଜେନା, ଗୋପିନାଥ ପ୍ରଧାନ, ବାବାଜୀ ରାଉତ, ଯଶୋବନ୍ତ ସେଠୀ, ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୌମେନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ କବି ରବି ଶତପଥୀ ଧନ୍ୟବାଦ ଦେଇଥିଲେ।

# ୪ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ

**ପାରଳାଖେମୁଣ୍ଡି,୧।୧(ସମିସ):** ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଦ୍ୱାରା ମାଗଣା ଲାପ୍ଟପ୍ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ସିଦ୍ଧାନ୍ତ ଭୂୟାଁ, ଯୋଗେନ୍ଦ୍ର ଦତ୍ତ, ମନୋଜ କୁମାର ସାହୁ ଓ ସାବିତ୍ରୀ ବେହେରାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ମାଗଣା ଲାପ୍ଟପ ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର କୁମାର ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ବାବା ସାହେବ ଖଲାସି ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଜୟପୁର,୧।୧(ସମିସ):** ଜୟପୁର ସହରରେ ଟାଉନ ଥାନା ସମ୍ମୁଖରେ ବାବା ସାହେବ ଖଲାସି ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟାଳୟ ଠାରେ ସ୍ଥାନୀୟ ବସ୍ ଷ୍ଟାଣ୍ଡ ଅଞ୍ଚଳର ଖଲାସୀମାନେ ବସ୍ ଏବଂ ଅନ୍ୟାନ୍ୟ ଗାଡ଼ିରୁ ଯାତ୍ରୀଙ୍କ ସାମଗ୍ରୀ ଓହ୍ଲାଇବା କିମ୍ବା ଚଢ଼ାଇବାରେ ସହାୟତା କରିବା ନେଇ ଅପେକ୍ଷା କରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ରିୟଲ ଇଷ୍ଟେଟ ବ୍ୟବସାୟୀ ତଥା ବିଜେପି ନେତା ହିମାଂଶୁ ମହାପାତ୍ର ଯୋଗଦେଇ ୨୪ ଜଣ ଖଲାସୀଙ୍କୁ ୟୁନିଫର୍ମ ବସ୍ତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଖଲାସୀ ଉପସ୍ଥିତ ରହିବା ସହ ବାଜା ବଜାଇରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ।

# ଚୋରି ସାମଗ୍ରୀ ଜବତ; ଅଭିଯୁକ୍ତ ଗିରଫ

**ଗୁମ୍ମା,୧।୧(ସମିସ):** ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଆଶ୍ରୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରୁ କମ୍ପ୍ୟୁଟର ଚୋରି ଅଭିଯୋଗ ହୋଇଥିଲା। ଗତ ଜୁନମାସରେ ଏହି ଚୋରି ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ସେରଙ୍ଗ ଥାନାରେ ଏତଲା ପରେ ଅଭିଯୋଗ ଆଧାରରେ ସେରଙ୍ଗ ଥାନା ଅଧିକାରୀ ଅଶୋକ କୁମାର ହାଂସଦାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ଗୁମ୍ମା ଫାଣ୍ଡି ଅଧିକାରୀ ପ୍ରଫୁଲ ଜାଗରାଙ୍ଗା ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଶିମ୍ବଲା ଗାଁର ନିବାସ ଚନ୍ଦ୍ର ରଇତ(୨୮)। ପୁଲିସର ତଦନ୍ତ ଏବଂ ସନ୍ଦେହରୁ ଚୋରି ସାମଗ୍ରୀ ବିକିବା କଷ୍ଟ ହେବା ସହ ସେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ନିଜେ ରବିବାର ଗୁମ୍ମା ଫାଣ୍ଡି ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିବା ସହ ଚୋରି ସାମଗ୍ରୀ ଫେରସ୍ତ କରିବାକୁ ଇଚ୍ଛା କରିଥିଲେ। ଅଭିଯୁକ୍ତ ନିବାସକୁ କୋର୍ଟ ଚାଲାଣ କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୩ଟି କମ୍ପ୍ୟୁଟର, ୪ଟି ସିପିଓ ଓ ଗୋଟିଏ ସ୍ପିକର ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ଗୁମ୍ମା ଫାଣ୍ଡି ଅଧିକାରୀ ପ୍ରଫୁଲ ଜାଗରାଙ୍ଗା।

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

# ଯମୁନାଗୁଡ଼ା ବାସିନ୍ଦାଙ୍କୁ ଆବାସ ଗୃହ ଯୋଗାଣ ଦାବି

**କୋରାପୁଟ,୧।୧(ସମିସ)** ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀ ଯୋଗଦେଇ ମୋଟ ୨୩ଟି ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ଏସ୍‌ପି ଏସ୍.କେ. ବେହେରା, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଲିଙ୍ଗରାଜ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ସହକାରୀ ଯନ୍ତ୍ରୀ ତାପସ କୁମାର ସାମଲ, ଲମତାପୁଟ ଗ୍ରାମ୍ୟ ନିର୍ମାଣ ସହକାରୀ ଯନ୍ତ୍ରୀ ସୁଜାତା ଦିଶାରି ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜୟପୁର ପୌର ପରିଷଦ ଅନ୍ତର୍ଗତ ଯମୁନାଗୁଡ଼ା ବସ୍ତିବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ଦାବି କରାଯାଇଥିଲା। ଅନେକ ବର୍ଷ ହେବ ଭୂମି ଅଧିକାର ପ୍ରମାଣ ପତ୍ର ପାଇଥିଲେ ମଧ୍ୟ ଗୃହ ନ ମିଳିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିଲୁ ବୋଲି ବସ୍ତିବାସିନ୍ଦା କହିଛନ୍ତି।



# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ରାୟଗଡ଼ା,୧।୧(ସମିସ):** ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ସାମୂହିକ ଅଭିଯୋଗ ଥିବା ଜଣାପଡ଼ିଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ, ତହସିଲଦାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ, ଜିଲ୍ଲା



ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ନିହାର ରଞ୍ଜନ କହଁର, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଯୋଗଦେଇ ଶୁଣାଣି କରିଥିଲେ। ଏଥିରେ ମୋଟ ୧୫ଟି ଅଭିଯୋଗ ଆସିଥିବାବେଳେ ଏଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ଅଭିଯୋଗ ଓ ୫ଟି ଗ୍ରାମବାସୀଙ୍କ ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଟଟୋଲ ଷଡ଼ଙ୍ଗୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ତତ୍ୱମସୀ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ଶୁଣିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଦୀର୍ଘବର୍ଷ ବିତିଗଲାଣି

# ସୁଧୁରୁନି ସହରର ଟ୍ରାଫିକ୍ ସମସ୍ୟା

**ନବରଙ୍ଗପୁର,୧।୧(ସମିସ)**

ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ନବରଙ୍ଗପୁର ସହର ମଧ୍ୟ ଦେଇ ଯାଇଥିବା ରାଜପଥରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ସୁଧୁରୁନି। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜାତୀୟ ରାଜପଥର ଟ୍ରାଫିକ୍ ସମସ୍ୟା କେବେ ସୁଧୁରିବ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି।

ନବରଙ୍ଗପୁର ସହର ମଧ୍ୟ ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ। ଦୀର୍ଘ ଦିନ ପରେ ବି ଏହାର କିଛି ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଦିନକୁ ଦିନ ବଢ଼ିବାରେ ଲାଗିଛି ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଟ୍ରାଫିକ୍ ସମସ୍ୟା। ସହରର ଜଗନ୍ନାଥ ମନ୍ଦିର ଛକଠାରୁ ସଦାଶିବ ପାର୍କ ଛକ ନିକଟ ପର୍ଯ୍ୟନ୍ତ ସବୁଦିନ ଲାଗି ରହୁଛି ଟ୍ରାଫିକ ସମସ୍ୟା। ସକାଳ ୯ଟାରୁ ଆରମ୍ଭ ହୋଇ ଏହି ଟ୍ରାଫିକ ସମସ୍ୟା ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହୁଛି। ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଏହି ଜଗନ୍ନାଥ ମନ୍ଦିର ଛକଠାରୁ ସଦାଶିବ ପାର୍କ ଛକ ନିକଟ ପର୍ଯ୍ୟନ୍ତ ରାସ୍ତାର ଚଉଡ଼ା ପ୍ରାୟ ସ୍ଥାନରେ ୨୫ ଫୁଟ ତ କେଉଁ ସ୍ଥାନରେ ୨୭ ଫୁଟ କାଁ ଭାଁ ଓସାର ରହିଛି। ଗୋଟିଏ ଦୁଇଟି ସ୍ଥାନରେ ୩୦ ଫୁଟ ଓସାର ମଧ୍ୟ ରହିଛି। ଏହିଭଳି ଅଣଓସାରିଆ ଜାତୀୟ ରାଜପଥରେ ପୁଣି ଟ୍ରାଫିକ ସମସ୍ୟା ଉପୁଜୁଥିବାରୁ ନବରଙ୍ଗପୁର ସହରବାସୀ ଅଣନିଃଶ୍ୱାସୀ ହେଉଥିବା ଚର୍ଚ୍ଚା ହେଉଛି। ବର୍ଷ ବର୍ଷ ହେବ ପ୍ରତିଦିନ ଏଭଳି ସମସ୍ୟା ଲାଗି ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ, କାର୍ଯ୍ୟାଳୟ, ଡାକ୍ତରଖାନା ସହିତ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନକୁ ମଧ୍ୟ ସହରର ଶତାଧିକ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଯିବାଆସିବା କରିଥାନ୍ତି। ଏପରିକି ଏହି ଗୋଟିଏ ରାସ୍ତା ଦେଇ ହିଁ ପ୍ରତିଦିନ ଛତିଶଗଡ଼, ଆନ୍ଧ୍ରପ୍ରଦେଶକୁ ହଜାର ହଜାର ଗାଡ଼ିମୋଟର ଯିବାଆସିବା କରିବା ସହିତ ଓଡ଼ିଶାର କୋରାପୁଟ, କଳାହାଣ୍ଡି, ବଲାଙ୍ଗିର , ଖୋର୍ଦ୍ଧା, ସମ୍ବଲପୁର, ମାଲକାନଗିରି ଭଳି ଓଡ଼ିଶାର ମଧ୍ୟ ବହୁ ସ୍ଥାନକୁ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଯିବାଆସିବା କରୁଛି। ଏହା ବ୍ୟତୀତ ଏହି ଅଣଓସାରିଆ ଜାତୀୟ ରାଜପଥ କଡ଼ରେ ଗଢ଼ି ଉଠିଥିବା ବିଭିନ୍ନ ବ୍ୟାଙ୍କ, ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଯୋଗୁଁ ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ଗଢ଼ି ଉଠିଥିବା କୌଣସି ବ୍ୟାଙ୍କ କିମ୍ବା ବ୍ୟାବସାୟିକ ପ୍ରତିଷ୍ଠାନରେ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନାହିଁ। ଯାହାଫଳରେ ବିଭିନ୍ନ ଛୋଟ ଛୋଟ ଗାଡ଼ିମୋଟର ଘଣ୍ଟା ଘଣ୍ଟା ରାସ୍ତା କଡ଼ରେ ଅଟକି ରହୁଛି। ଏପରିକି ବ୍ୟାଙ୍କଗୁଡ଼ିକ ନିକଟରେ ରାସ୍ତା କଡ଼ରେ ଚାରିଚକିଆ ଯାନ ବେଳେବେଳେ ସାରା ଦିନ ମଧ୍ୟ ଅଟକାଇ ରଖୁଛନ୍ତି ଲୋକେ। ଯାହା ଫଳରେ କି ରାସ୍ତା ଅଣଓସାରିଆ ହେବା ସହ ଟ୍ରାଫିକ ସମସ୍ୟା ଆହୁରି ଅଧିକ ଜଟିଳ ହେଉଛି। ଏପରିକି ସହର ମଧ୍ୟରେ ଯାତାୟାତରେ ଟ୍ରାଫିକ ସମସ୍ୟା ଯୋଗୁଁ ବହୁବାର ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ଟ୍ରାଫିକ ସମସ୍ୟା ଯୋଗୁଁ ଗତ ଦିନରେ ସହର ମଧ୍ୟରେ ଦୁର୍ଘଟଣା ଯୋଗୁଁ କିଛି ଜଣଙ୍କ ମୃତ୍ୟୁ ମଧ୍ୟ ଘଟିଛି। ଏହା ସତ୍ତ୍ୱେ ବି ସ୍ଥାନୀୟ ପ୍ରଶାସନ ତଥା ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ପାଲଟିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।




ଏନେଇ ବର୍ତ୍ତମାନ ଦାୟିତ୍ୱରେ ରହିଥିବା ଜାତୀୟ ରାଜପଥର ଏସ୍‌ଡିଓ ରାଜେନ୍ଦ୍ର କୁମାର ବେହେରାଙ୍କୁ ଫୋନ୍ ଯୋଗେ ପଚାରିବାରୁ, ବର୍ତ୍ତମାନ ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। କିନ୍ତୁ ସହର ମଧ୍ୟରେ ଯାହା ରାସ୍ତା ଓସାରିଆ କରାଯାଇ ଦୁଇପାର୍ଶ୍ୱ ନୂତନ ଡ୍ରେନ୍ କରାଯାଇ ସହର ମଧ୍ୟରେ ଯେଉଁ ସୌନ୍ଦର୍ଯ୍ୟକରଣ କରିବାର ପୂର୍ବରୁ ରହିଥିଲା ବର୍ତ୍ତମାନ ତାହା ଆଉ କରାଯାଇ ପାରିବ ନାହିଁ। ଜଗନ୍ନାଥ ମନ୍ଦିରଠାରୁ ସଦାଶିବ ପାର୍କ ଛକ ନିକଟ ପର୍ଯ୍ୟନ୍ତ ରାସ୍ତା କେଉଁ ସ୍ଥାନରେ ୨୫ ଫୁଟ କେଉଁ ସ୍ଥାନରେ ୨୭ ଫୁଟ ଏବଂ କେତେକ ସ୍ଥାନରେ ୨୮ ରୁ ୩୦ ଫୁଟ ମଧ୍ୟରେ ଚଉଡ଼ା ରହିଥିବାରୁ ବର୍ତ୍ତମାନ ଆଉ ପୂର୍ବ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ। ବର୍ତ୍ତମାନ ଏହି କାର୍ଯ୍ୟରେ ଜମି ଅଧିଗ୍ରହଣ ବ୍ୟବସ୍ଥା ନ ଥିବାରୁ ସହରର ଏହି ସ୍ଥାନମାନ ଯେପରି ଅଣଓସାରିଆ ରହିଛି ସେପରି ହିଁ ରହିବ ବୋଲି ଜାତୀୟ ରାଜପଥର ଏସ୍‌ଡିଓ ଶ୍ରୀ ବେହେରା କହିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଟ୍ରାଫିକ ସମସ୍ୟା ସୁଧାରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**କୋଷାଗୁମୁଡ଼ା,୬।୧(ସମିସ):** କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ସଦର ମହକୁମାର ଧର୍ମପରାୟଣ ବ୍ୟକ୍ତି ରାଜକିଶୋର ପଟ୍ଟନାୟକ (୮୬)ଙ୍କ ସୋମବାର ସକାଳ ୮ଟାରେ ହୃଦ୍‌ଘାତରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଛି। ଶ୍ରୀ ପଟ୍ଟନାୟକ ଏକାଧାରରେ ଜଣେ ଶାନ୍ତ ଏବଂ ପରୋପକାରୀ ବ୍ୟକ୍ତି ଥିଲେ। ସେ ରାଜସ୍ୱ ବିଭାଗରେ ନିରୀକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ସକାଳେ ହଠାତ୍ ଶରୀର ଅସୁସ୍ଥତା ହେବା ଯୋଗୁଁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ନବରଙ୍ଗପୁର ସରକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଶ୍ରୀ ପଟ୍ଟନାୟକଙ୍କ ୪ ପୁଅ, ୨ ଝିଅଙ୍କ ସମେତ ପରିବାର, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। କୋଡ଼ିଙ୍ଗା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ କୋଷାଗୁମୁଡ଼ା ଓ କୋଡ଼ିଙ୍ଗା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚଇତି ଉତ୍ସବରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ପ୍ରଦର୍ଶନୀ ଷ୍ଟଲ୍ ପ୍ରଶଂସିତ

**ରାୟଗଡ଼ା,୬।୧(ସମିସ):** ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଗତ ପାଞ୍ଚଦିନ ଧରି ଅନୁଷ୍ଠିତ ହୋଇଥିବା ଚଇତି ଉତ୍ସବରେ ଜିଲ୍ଲା ଶିଳ୍ପ କେନ୍ଦ୍ର ତରଫରୁ ସକ୍ରିୟ ଅଂଶଗ୍ରହଣ କରିବା ସହିତ ପ୍ରଦର୍ଶନୀର ଆୟୋଜନ ହୋଇଯାଇଛି। ଏଥିରେ ୧୦ଟି ଷ୍ଟଲ୍ କରାଯିବା ସହିତ ଜିଲ୍ଲାର ୩୧ଟି ଅଣୁ, କ୍ଷୁଦ୍ର ଓ ମଧ୍ୟରେ ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦର ସଫଳ ପ୍ରଦର୍ଶନ କରାଯାଇଛି। ପ୍ରକ୍ରିୟାକରଣ ଓ ଉତ୍ପାଦଠାରୁ ଆରମ୍ଭ କରି ମିନେରାଲ୍ ପାନୀୟଜଳ, ମସଲା ଗୁଣ୍ଡ, ଅଗରବତି, ଫିନାଇଲ, ଆସବାବପତ୍ର, ଷ୍ଟିଲ୍ ଆଲମିରା, ତେନ୍ତୁଳି ପ୍ୟାକେଟ୍, ପାଉଁଶ ଇଟା, ରାସାୟନିକ ପଦାର୍ଥ, ପେପର ପ୍ଲେଟ୍, ବ୍ଲିଚିଂ ପାଉଡର, ଗନ୍ଧକର୍ପୂର, ହ୍ୟାଣ୍ଡୱାଶ୍, ରୁମ୍ ଫ୍ରେସନର, ଫୁଲଝାଡୁ, ସୋଲାର ଲାଇଟ୍, ଦୁଗ୍ଧଜାତ ଦ୍ରବ୍ୟ, ମୃଦୁ ପାନୀୟ, ଆଲୁମିନିୟମ ବାସନକୁସନ, ଚାଓମିନ୍, ସାବୁନ୍, ବାୟୋମାସ୍ କ୍ରିକେଟ୍ ଆଦି ପ୍ରଦର୍ଶିତ ହୋଇ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବା ସହିତ ଅଂଶଗ୍ରହଣକାରୀଙ୍କର ୩୮ ଲକ୍ଷ ୭୩ ହଜାର ୪୨୮ ଟଙ୍କାର କାରବାର ହୋଇଥିଲା। ୪୭ ଲକ୍ଷ ୧୫ ହଜାର ଟଙ୍କାର ଜିନିଷ ବିଭିନ୍ନ ଉଦ୍ୟୋଗକୁ ବରାଦ ମିଳିଛି। ଉକ୍ତ ପ୍ରଦର୍ଶନୀକୁ ରାଜ୍ୟ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା,



ଉଦ୍‌ଘାଟନ କରିଥିଲେ। କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲା ପରିଷଦ ଅଧ୍ୟକ୍ଷା **ସରସ୍ୱତୀ** ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝୀ, ଜିଲ୍ଲାପାଳ ସ୍ୱାଧା ଦେବ ସିଂ ଆଦି ଏହି ପ୍ରଦର୍ଶନୀ ପରିଦର୍ଶନ କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ। ରାୟଗଡ଼ା ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିଜୟ କୁମାର ସାହୁ ଓ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁଙ୍କ ନେତୃତ୍ୱରେ ଉକ୍ତ ପ୍ରଦର୍ଶନୀକୁ ଉଚ୍ଚକୋଟୀର କରାଯାଇଥିଲା। ଏହି ପ୍ରଦର୍ଶନୀ ପରିଚାଳନାରେ ଦେବାଶିଷ ମହାନ୍ତି, ଚିତ୍ତରଞ୍ଜନ ମଲ୍ଲିକ, ସୁନିଲ ପଟ୍ଟନାୟକ, ଅଂଶୁମାନ ବେହେରା, ସୁବ୍ରତ ପଟ୍ଟନାୟକ, ତ୍ରିଲୋଚନ ଦାସ, ସୌମିତ୍ର ପଟ୍ଟନାୟକ, ସୁଲେମାନ ଖାନ, ରକି ଆଛୋନି, ରମେଶ ବିଦିକା, ବାସୁଦେବ ମୁଟିକା, ହେମନ୍ତ ମାଣ୍ଡାଙ୍ଗି ପ୍ରମୁଖ ସହାୟତା କରିଥିଲେ। ଜିଲ୍ଲା ନିବେଶ ବିକାଶ ସଂସ୍ଥା (ଦୀପା)ର ଅଧିକାରୀ ଲକ୍ଷ୍ମୀକାନ୍ତ ଜେନା ଓ ସୁନୀଲ କୁମାର ପ୍ରଧାନ ପରିଦର୍ଶକଙ୍କୁ ବୈଷୟିକ ପରାମର୍ଶ ଦେଇଥିଲେ। ଉକ୍ତ ଷ୍ଟଲଗୁଡ଼ିକୁ ଲକ୍ଷାଧିକ ଦର୍ଶକ ପରିଦର୍ଶନ କରି ବହୁଳ ପ୍ରଶଂସା କରିଥିଲେ।

# ଡାବୁଗାଁରେ କଳ୍ପତରୁ ଉତ୍ସବ ପାଳିତ



**ଡାବୁଗାଁ,୬।୧(ସମିସ)**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ନିକଟସ୍ଥ ଗରୁଡ଼ଗୁଡ଼ା ଗ୍ରାମ ରାମକୃଷ୍ଣ ମିଶନଠାରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବା ସଂଘର କଳ୍ପତରୁ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ସାଂସଦ ଭଗବାନ ମାଝୀ ସଭାପତିତ୍ୱ କରିଥିଲେ। ରାମକୃଷ୍ଣ ଶାରଦା ସେବା ସଂଘର ସଭାପତି ସୁରେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେବା ସହ କଳ୍ପତରୁର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ଏଥିରେ ଅତିଥି ଭାବେ ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ଯୋଗଦେଇ ଠାକୁର ଶ୍ରୀରାମକୃଷ୍ଣଙ୍କର କଳ୍ପତରୁ ବିଷୟରେ ଠାକୁରଙ୍କ ମହତ୍ ବାଣୀ ଶୁଣାଇବା ଠାକୁରଙ୍କ ଜନ୍ମ ବୃତାନ୍ତ ସଙ୍ଗୀତଗାନ କରିଥିଲେ। ଏଥିରେ ନବରଙ୍ଗପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଧାନାଥ ବେହେରା ଠାକୁରଙ୍କର ଚୈତନ୍ୟ ଲାଭ ବିଷୟରେ କହିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ସୁରେନ୍ଦ୍ର ନାଥ ଦାଶ, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଡାବୁଗାଁ ସଂଘର ସମ୍ପାଦକ ଦିବାକର ବାରିକ, କୋଷାଧ୍ୟକ୍ଷ ରଘୁନାଥ ବିଶୋଇ, ବାବି ଜେନା, ରଞ୍ଜିତ ବିଶୋଇ, ଚୈତନ୍ୟ ବିଶୋଇ, ସପନ ଦେ, ଶଙ୍କର ବିଶୋଇ, ଲିଲି ରାୟ, ଅଞ୍ଜୁ ବିଶୋଇ, ତିଲୋତ୍ତମା ବାରିକ, ଜ୍ୟୋତି ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସଂଘର ଗଙ୍ଗାଧର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଗଦାଧର ତ୍ରିପାଠୀ ଓ ସୀମାଞ୍ଚଳ ଜେନା ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକଙ୍କ ସ୍ୱରଚିତ ଶତାବ୍ଦୀର ଆର୍ତ୍ତନାଦ ଓ ଶ୍ରୀକ୍ଷେତ୍ର ଭଜନମାଳା ସହ ୩ ହଜାର ବର୍ଷର କ୍ୟାଲେଣ୍ଡର ଅତିଥିମାନଙ୍କୁ ଉପହାର ଦେଇଥିଲେ।

# 'ନୂଆ-ଓ'ର ଜିଲ୍ଲାସ୍ତରୀୟ ସାଂସ୍କୃତିକ ଉତ୍ସବ ପାଇଁ ପ୍ରସ୍ତୁତି

**ମାଲକାନଗିରି,୬।୧(ସମିସ):** ମାଲକାନଗିରି ଜିଲ୍ଲା ପରିଷଦ ସଭା ଗୃହରେ ପିଡି ଡିଆରଡିଏଙ୍କ ଅଧ୍ୟକ୍ଷତାରେ ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ନୋଡାଲ ଅଫିସରଙ୍କୁ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ସାଂସ୍କୃତିକ ଉତ୍ସବ ପାଇଁ ଏହି ବୈଠକରେ ଆଲୋଚନା କରଯାଇଥିଲା। ଏଥିରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସମାଗମ ହେବାକୁ ଥିବାବେଳେ କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରଯାଇଥିଲା। ବିଗତ ଦିନରେ ବିଭିନ୍ନ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବାବେଳେ ଏଥିରେ ୩୨ଟି ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହେବ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ 'ନୂଆ-ଓ'ର ଜିଲ୍ଲା ନୋଡାଲ ଅଫିସର ଡ. ରଞ୍ଜନ କୁମାର ସ୍ୱାଇଁ, ଏପିଡି ଫାଇନାନ୍ସ ମାନସ ମିଶ୍ର, କୈଳାସ ସାହୁଙ୍କ ସହ ଅନ୍ୟାନ୍ୟ ନୋଡାଲ ଅଫିସର ମଧ୍ୟ ଉପସ୍ଥିତ ଥିଲେ।

# ବିଡିଓଙ୍କ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



**ପଦ୍ମଗିରି,୬।୧(ସମିସ):** ନୂତନ ବର୍ଷ ଅବସରରେ ମାଲକାନଗିରି ବିଡିଓ ପ୍ରଭାତୀ ଝଡ଼ିଆଙ୍କ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ସଦର ବ୍ଲକ୍ ସ୍ଥିତ ଝରାପାଲ୍ଲୀ ଗ୍ରାମ ପଞ୍ଚାୟତରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲେ। ଏହି ଅବସରରେ ଝରାପାଲ୍ଲୀ ସରପଞ୍ଚ ବିମଳା ମାଡକାମି, ନାଏବ ସରପଞ୍ଚ ଗଙ୍ଗାଧର ପଡ଼ିଆମି, ସମିତିସଭ୍ୟ ନରସିଂହ ମାଡ଼କାମି, ଜିଲ୍ଲା ପରିଷଦ ସଭ୍ୟା କୁନି ଭୁମିଆ, ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଭିଜିତ ସେଠୀ, ଯୋଗାଣ ନିରୀକ୍ଷକ ପ୍ରଭଞ୍ଜନ ମହାନ୍ତି, ବିପିସି ମନୋରଞ୍ଜନ ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ମାଝୀ ତଥା ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀ ତଥା ବୋର୍ଡ ମେମ୍ବରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଝରାପାଲ୍ଲୀ ଅଞ୍ଚଳର ଶତାଧିକ ଜନତା ନିଜ ନିଜର ଅଭିଯୋଗ ନେଇ ଆସି ବିଡିଓଙ୍କ ନିକଟରେ ଶୁଣାଣି କରିଥିଲେ। ବିଡିଓଙ୍କ ଦ୍ୱାରା ସମୁଦାୟ ୬୮ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟଜଳ ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଓ ରାସ୍ତାଘାଟ ଉପରେ ଲୋକମାନେ ଅଭିଯୋଗ କରିଥିଲେ। ଏହି ଶୁଣାଣି ପରେ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ଶ୍ରୀ ଝଡ଼ିଆ ପ୍ରତିଶ୍ରୁତି ଦେଇଥିଲ। ଏହି କାର୍ଯ୍ୟକ୍ରମକୁ ଝରାପାଲ୍ଲୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାନ୍ତି ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ରେଡକ୍ରସ୍ ପାଣ୍ଠିକୁ ଦାନ



**ନବରଙ୍ଗପୁର,୬।୧(ସମିସ):** ସୋମବାର ନବ ବର୍ଷ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲାର ଦୁଇ ଜଣ ବରିଷ୍ଠ ଅଧିକାରୀ ଜିଲ୍ଲା ରେଡକ୍ରସ ପାଣ୍ଠିକୁ ମୁକ୍ତ ହସ୍ତରେ ୧୦ ହଜାର ଟଙ୍କାର ଚେକ୍ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ସେମାନେ ହେଲେ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ରାଧେଶ୍ୟାମ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା। ନବ ବର୍ଷରେ ସମାଜ ସେବାରେ ଲାଗିବା ପାଇଁ ଜିଲ୍ଲା ରେଡକ୍ରସ ପାଣ୍ଠିକୁ ମୁକ୍ତ ହସ୍ତରେ ୧୦ ହଜାର ଟଙ୍କା ଦାନ କରିଥିବାରୁ ଏହି ଦୁଇ ଜଣ ଜିଲ୍ଲା ଅଧିକାରୀଙ୍କୁ ଜିଲ୍ଲାପାଳ ଡ. ମିଶ୍ର ନବ ବର୍ଷର ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଥିଲେ। ଏହି ଅବସରେ ଜରୁରିକାଳୀନ ପରିସ୍ଥିତିରେ ସମାଜର ଲୋକଙ୍କ ହିତରେ ରେଡକ୍ରସ ପାଣ୍ଠି ଖର୍ଚ୍ଚ ହେଉଥିବାରୁ ଜିଲ୍ଲା ରେଡକ୍ରସ ପାଣ୍ଠିକୁ ବଦାନ୍ୟ ବ୍ୟକ୍ତିବିଶେଷ ମୁକ୍ତ ହସ୍ତରେ ଦାନ କରିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ଆହ୍ୱାନ ଦେଇଥିଲେ।

# ବିଏସ୍ଏଫ୍ ତରଫରୁ ଆଦିବାସୀ ଯୁବପିଢ଼ିଙ୍କ ଗୁଜରାଟ ଗସ୍ତ

**ମାଲକାନଗିରି,୬।୧(ସମିସ):** ମାଲକାନଗିରି ଜିଲ୍ଲା ବିଏସ୍ଏଫ୍ ତରଫରୁ ଆଦିବାସୀ ଯୁବକଯୁବତୀମାନେ ଗୁଜରାଟର ସୁରତ ଗସ୍ତ କରିଛନ୍ତି। ବିଏସ୍ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ସୋମବାର ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ୍ ଅନ୍ତର୍ଗତ ସିନ୍ଧିଗୁଡ଼ା, ମୁଣ୍ଡାଗୁଡ଼ା, ଗଲିଆଗୁଡ଼ା, ଦାନିଗୁଡ଼ା, ଅଁଳାଯୋଡ଼ି, ଗଡ଼ିଆଲି, ଦାଇଗୁଡ଼ା, କତାପାଲ୍ଲୀ, ଖଡ଼ିମାଟି, ରାଙ୍ଗିଣିଗୁଡ଼ା, କପରା, କର୍ତ୍ତନପାଲ୍ଲୀ, ସାଲିମି ପ୍ରଭୃତି ଗ୍ରାମଗୁଡ଼ିକରେ ବସବାସ କରୁଥିବା ୧୧ ଜଣ ଯୁବତୀ ଓ ୧୯ ଜଣ ଯୁବକ ମୋଟ ୩୦ ଜଣଙ୍କୁ ସୁରତ ପଠାଇଛନ୍ତି। ଏହି ଯୁବପିଢ଼ି ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ସୁରତର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନେତା, ବିଭିନ୍ନ ମନ୍ତ୍ରୀ,



ସିନେ ତାରକା, ଟିଭି ତାରକା, ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବ। ଏହି କାର୍ଯ୍ୟକ୍ରମରେ ବିଏସ୍ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରତାପ ସିଂ, ଡେପୁଟି କମାଣ୍ଡାଣ୍ଟ ରାଜେଶ କୁମାର, ଶୁଭଞ୍ଜନ ମହାପାତ୍ର, ନେହରୁ ଯୁବ ସଂଘର ଜିଲ୍ଲା ଅଧିକାରୀ ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ଥିଲ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢ଼ି ଜ୍ଞାନ ଶକ୍ତି ବଢ଼ିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରି ଦେଖିପାରିବେ ଏବଂ ଏହାଦ୍ୱାରା ଦେଶରେ କେତେ ପ୍ରକାର ସାଂସ୍କୃତିକ ଦୃଶ୍ୟଗୁଡ଼ିକ ଅଛି ତାହାର ଜ୍ଞାନ ଆହରଣ କରିପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲ। ଆଗାମୀ ଦିନରେ ଆହୁରି ବହୁ ଯୁବପିଢ଼ିଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଭ୍ରମଣ ନିମନ୍ତେ ପଠାଇବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲ।

# ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ




**ରାୟଗଡ଼ା,୬।୧(ସମିସ)**

ରାୟଗଡ଼ା ଜିଲ୍ଲାରେ ସଡ଼କ ସୁରକ୍ଷା ସପ୍ତାହ ସୋମବାରଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ଜିଲ୍ଲା ପ୍ରଶାସନ ତଥା ଆଞ୍ଚଳିକ ପରିବହନ ସଂସ୍ଥା ତରଫରୁ ସପ୍ତାହବ୍ୟାପୀ ଅନୁଷ୍ଠିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଜିଲ୍ଲାରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାର ସଡ଼କ ସୁରକ୍ଷା ସଚେତନତା ଏଲଇଡି ସଂଯୁକ୍ତ ରଥ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିହାର ରଞ୍ଜନ କହଁର ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଥିଲା। ଏହି ସଚେତନତା ରଥ ରାୟଗଡ଼ା ସହର ସମେତ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ପରିକ୍ରମା କରିବ ବୋଲି ଜଣାପଡ଼ିଛି। ଜିଲ୍ଲାର ବିଭିନ୍ନ ଜନଗହଳିପୂର୍ଣ୍ଣ ଛକ, କାର୍ଯ୍ୟାଳୟମାନଙ୍କରେ ଲୋକଙ୍କର ସଚେତନତା ପାଇଁ ବିଭିନ୍ନ ପ୍ରକାରର ସଚେତନତା ବାର୍ତ୍ତା ପାଇଁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବ୍ୟାନର ଓ ଫ୍ଲେକ୍ସ ଲଗାଯିବ। ତେବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀଙ୍କ ମିଳିତ ଭାବେ ଟ୍ରାଫିକ, ସଡ଼କ ସୁରକ୍ଷା ନିୟମ ପାଳନ କରିବା ପାଇଁ କଡ଼ାକଡ଼ି ଭାବେ ଯାନବାହନ ଯାଞ୍ଚ ପ୍ରକ୍ରିୟା ବଳବତ୍ତର ରହିବ ବୋଲି ଜଣାଯାଇଛି। ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ନିୟମ ବିଷୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲାରେ କିଭଳି ବ୍ୟାପକ ପ୍ରସାରପ୍ରଚାର କରାଯାଇପାରିବ ସେ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପଦକ୍ଷେପ ଗ୍ରହଣ କରିବା ନେଇ କୁହାଯାଇଛି। ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ଯେପରି କାହାର ଜୀବନ ହାନୀ ନ ଘଟେ ସେଥିପାଇଁ ସମସ୍ତେ ସଡ଼କ ସୁରକ୍ଷା ନିୟମ ମାନି ଗାଡ଼ି ଚଳାଇବା ପାଇଁ ପରାମର୍ଶ ନେଇ ଏହି ସଚେତନତା ରଥ ଜିଲ୍ଲା ପରିକ୍ରମା କରିବ। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀ, ମୋଟର ଗାଡ଼ି ନିରୀକ୍ଷକ ରାଜକିଶୋର ବେହେରା, କାର୍ଯ୍ୟାଳୟର କର୍ମଚାରୀ, ପୁଲିସ ଅଧିକାରୀଗଣ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ମାଲକାନଗିରି,୬।୧(ସମିସ):** ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ୱାକାଥନ କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ସଡ଼କ ସୁରକ୍ଷା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯାନବାହନ ନିରୀକ୍ଷକ ଜୋହନ ପ୍ରତାପ କୁଲୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ଦୀପକ କୁମାର ସାହୁ, ସନ୍ତୋଷ କୁମାର ବେହେରା ଓ ସଞ୍ଜୟ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନେ ଦୁର୍ଘଟଣାକୁ କିଭଳି ଏଡ଼େଇ ପାରିବେ ସେ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟ ଏନସିସି, ଯୁବ ରେଡକ୍ରସ, ଜେଏନଭି ଏନସିସି ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଏନସିସି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବରିଷ୍ଠ କିରାଣି ପ୍ରସନ୍ନ କୁମାର ଦାସ ଓ ଦେବାଶିଷ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

● ଜିଆର୍‌ଏସ୍‌ଙ୍କୁ ଛୁରି ଭୁସି ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ରାଘବ ଗିରଫ

**ବୁଗୁଡ଼ା,୧।୧(ସମିସ):** ବୁଗୁଡ଼ା ଅଞ୍ଚଳର ବହୁ ଚର୍ଚ୍ଚିତ ଜିଆରଏସ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ରାଘବ ସ୍ୱାଇଁଙ୍କୁ ପୁଲିସ କେରଳରୁ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଗତ ଡିସେମ୍ବର ୨୨ତାରିଖ ପୂର୍ବାହ୍ନରେ ଜିଆରଏସ ସୁକାନ୍ତ କୁମାର ପାଣିଗ୍ରାହୀ(୩୬) ବାଇକ୍ ଯୋଗେ କଳମ୍ବ-ଅନ୍ତରପଡା ରାସ୍ତା ଦେଇ ବୁଗୁଡ଼ା ଆସୁଥିଲା ବେଳେ ଦଶିପୁର ଗ୍ରାମର ରାଘବ ସ୍ୱାଇଁ(୨୭) ତାଙ୍କୁ ବାଟରେ ଅଟକାଇ ଛୁରୀରେ ଆକ୍ରମଣ କରିଥିଲା। ଏହା ଦେଖି ଆଖପାଖରେ ଥିବା ଲୋକେ ପାଟି କରିବାରୁ ଆକ୍ରମଣକାରୀ ରାଘବ ସେଠାରୁ ହୋଇ ଯାଇଥିଲା। ଖବର ପାଇ ବାଲିପଦର ଫାଣ୍ଡି ଅଧିକାରୀ ସମୀର କୁମାର ବେହେରା ଏବଂ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁକାନ୍ତଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ବାରମ୍ବାର ଛୁରା ମାଡରେ ସୁକାନ୍ତଙ୍କ ଡାହାଣ ପଟ ଜଙ୍ଘରେ ୫ଟି, ବାମ ପଟ ଗୋଡରେ ୩ଟି ଓ ବାମ ହାତରେ ଗୋଟିଏ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଉଥିବା ବେଳେ ପୋଲସରାଠାରେ ପ୍ରାଣବାୟୁ ଉଡିଯାଇଥିଲା। ଏନେଇ ସୁକାନ୍ତଙ୍କ ମାଆ ପ୍ରମିଳା ପାଣିଗ୍ରାହୀ ବୁଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୯୫୨/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ରାଘବର ସାନ ଭାଇ ମିଥୁନକୁ ଗତ ଡିସେମ୍ବର ୨୫ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଥିଲା। ତେବେ ଗିରଫ ମୁଖ୍ୟ ଅଭିଯୁକ୍ତ ରାଘବ ଉକ୍ତ ହତ୍ୟାକାଣ୍ଡରେ ନିଜର ସମ୍ପୃକ୍ତିକୁ ସ୍ୱୀକାର କରିଥିଲା ବେଳେ ପୁଲିସ ଏଥିରେ ବ୍ୟବହୃତ ଛୁରୀକୁ ଜବତ କରିଥିବା ଜଣାଯାଇଛି।



## ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

**କାଶୀନଗର,୧।୧(ସମିସ):** ନୂଆବର୍ଷ ଉପଲକ୍ଷେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ କେ.ସୀତାପୁର ପଞ୍ଚାୟତରେ ୧୧ଟି ଗ୍ରାମକାନ୍ତ ପଟ୍ଟା ବଣ୍ଟନ କରାଯାଇଛି। କାଶୀନଗର ତହସିଲଦାର ଅଶୋକ ପ୍ରଧାନଙ୍କ ଉପସ୍ଥିତିରେ ସୀତାପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଉକ୍ତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। କେ ସୀତାପୁର ପଞ୍ଚାୟତର ୧୧ଜଣ ହିତାଧିକାରୀଙ୍କୁ ଏହି ଗ୍ରାମକାନ୍ତ ପଟ୍ଟା ବଣ୍ଟନ କରାଯାଇଥିବା ନେଇ ତହସିଲଦାର ସୂଚନା ଦେଇଛନ୍ତି। ନୂଆ ବର୍ଷରେ ପଟ୍ଟା ପାଇ ବହୁତ୍ ଖୁସି ଥିବା ହିତାଧିକାରୀ ମାନେ କହିଛନ୍ତି।




ଦକ୍ଷିଣାଞ୍ଚଳରେ ଅବକାରୀ ରାଜସ୍ୱ ୧୫% ବୃଦ୍ଧି

# ଚୋରା ନିଶା କାରବାର ପ୍ରତି ଶୂନ୍ୟ ସହନଶୀଳତା: ଅବକାରୀ କମିଶନର

● ପ୍ରାୟ ୫୦୦୦ ଏକର ଜମିରେ ୪୫୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ
● ନବରଙ୍ଗପୁର ଓ କଳାହାଣ୍ଡିରେ ଗଞ୍ଜେଇ ଚାଷ ମୂଳପୋଛ
● ଅବକାରୀ ଓ ପୁଲିସର ସମନ୍ୱୟରେ ବ୍ୟାପକ ହେବ ଧରପଗଡ଼

**ବ୍ରହ୍ମପୁର,୧।୧(ସମିସ)**

ରାଜ୍ୟରେ ବେନିୟମ ତଥା ଚୋରା ନିଶା କାରବାରକୁ ଆଦୌ ବରଦାସ୍ତ କରାଯିବ ନାହିଁ। ନୂତନ ବର୍ଷ ୨୦୨୪ରେ ନୂଆ ଯୋଜନା ସହିତ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। କର୍ମଚାରୀଙ୍କ ଅଭାବ ଦୂର ସହିତ ଭିତ୍ତିଭୂମିର ବିକାଶ କରି ଅବକାରୀ ବିଭାଗକୁ ଆହୁରି ଅଧିକ ସଶକ୍ତ କରାଯିବ। ଚୋରା ନିଶା କାରବାର ଓ ମାଫିଆଙ୍କୁ ବିରୋଧ ଦୃଢ ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗଞ୍ଜେଇ ହେଉ କିମ୍ବା ମଦ ଅଥବା ପୋଚ ଏଗୁଡିକୁ କେବଳ ନଷ୍ଟ କରାଯିବ ନାହିଁ, ଏହି କାରବାରରେ ଲିପ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ରାଜ୍ୟ ଅବକାରୀ କମିଶନର ନରସିଂହ ଭୋଳ। ୨୦୨୩ ବର୍ଷରେ ସମଗ୍ର ରାଜ୍ୟରେ ଅବକାରୀ ବିଭାଗ ଓ ପୁଲିସ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଧରପଗଡକୁ ବ୍ୟାପକ କରାଯାଇଥିଲା। ଏଥିରେ ଅନେକାଂଶରେ ସଫଳତା ମଧ୍ୟ ମିଳିଥିଲା। ଦକ୍ଷିଣାଞ୍ଚଳର ବିଭିନ୍ନ ଜିଲ୍ଲାରେ ଏହି ଧରପଗଡ ମାଧ୍ୟମରେ ମୋଟ ୪୭୭୯ ଏକର ଜମିରେ ଲାଗିଥିବା ଚୋରା ତଥା ବେନିୟମ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇପାରିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୪ ହଜାର ୫ଶହ କୋଟିରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ୨୦୨୩ବର୍ଷରେ ଦକ୍ଷିଣାଞ୍ଚଳର ଗଞ୍ଜାମ, ବ୍ରହ୍ମପୁର, ଗଜପତି, ରାୟଗଡା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ଅବକାରୀ ବିଭାଗ ବିଭାଗକୁ ଅଭୂତପୂର୍ବ ସଫଳତା ମିଳିପାରିଛି। ଏହି ୯ଟି ଜିଲ୍ଲାରେ ଗଞ୍ଜେଇ ଚାଷକୁ ମୂଳପୂଛ କରିବା ନିମନ୍ତେ ଅବକାରୀ ଓ ପୁଲିସ ପକ୍ଷରୁ ହୋଇଥିଲା ସ୍ୱତନ୍ତ୍ର ଡ୍ରାଇଭ "କ୍ଲିନ ନୀଳ ଜହର'। ଗଞ୍ଜାମ ଜିଲ୍ଲାରେ ଅବକାରୀ ପକ୍ଷରୁ ୨୮ ଏକକ ଜମିରେ ଲାଗିଥିବା ୨୯୦୨୦ଟି ଗଛକୁ ନଷ୍ଟ କରାଯାଇଥିବା ବେଳେ ଗଜପତି ଜିଲ୍ଲାରେ ୩୩୭ଏକର ଜମିରେ ଲାଗିଥିବା ୭୫୫୦୬୬ଟି ଗଛ, କନ୍ଧମାଳ ଜିଲ୍ଲାରେ ୬୬୯ଏକକରେ ୬୬୯୮୫୮ଗଛ, ରାୟଗଡା ଜିଲ୍ଲାରେ ୫୫ଏକରରେ ୫୫୦୦୦ଟି ଗଛ, କୋରାପୁଟ ଜିଲ୍ଲାରେ ୫୧ଏକରରେ ୫୭୪୦୦ଟି ଓ ମାଲକାନଗିରି ଜିଲ୍ଲାରେ ୧୯୯ଏକକରେ ୩୦୭୭୦୦ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହି ସମସ୍ତ ଘଟଣାରେ ମୋଟ ୩୨ଟି ମାମଲା ରୁଜୁ କରାଯାଇଛି। ସେହିପରି ପୁଲିସ ପକ୍ଷରୁ ଅନୁରୂପ ଭାବେ ଗଞ୍ଜାମରେ ୧୨ଏକରରେ ୧୨୦୦୦ଟି ଗଛ, କନ୍ଧମାଳରେ ୨୮୧୮ଏକରରେ ୨୧୮୦୦୦ଟି ଗଛ, ରାୟଗଡାରେ ୯୦ଏକରରେ ୯୯୦୦୦ଟି ଗଛ, କୋରାପୁଟରେ ୧୩୮ଏକକରେ ୧୬୯୮୦୦ଟି ଓ ମାଲକାନଗିରିରେ ୩୪୨ଏକର ଜମିରେ ୫୬୫୯୯୬ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ପୁଲିସ ପକ୍ଷରୁ ହୋଇଥିବା ଚଢଉରେ ୪୭୭୯ଏକର ଜମିରେ ୫୫ଲକ୍ଷ ୨୯ହଜାର ୮୩୫ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଜଣାପଡିଛି। ଉପରୋକ୍ତ ଜିଲ୍ଲା ଗୁଡିକରେ ବେଆଇନ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ପୁଲିସ ଓ ଅବକାରୀ ବିଭାଗର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କୋଟି କୋଟି ଟଙ୍କାର ଗଞ୍ଜେଇ ଗଛକୁ କାଟି ନଷ୍ଟ କରିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ଗଞ୍ଜେଇ ଚାଷ ମୂଳପୋଛ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଦାବି କରାଯାଇଛି। ସେପଟେ ଧଳା ଜହର ବା ବ୍ରାଉନ ସୁଗାରର କାରବାରକୁ ମଧ୍ୟ ରୋକିବା ବଡ ଚାଲେଞ୍ଜ। ଏହାକୁ କିଭଳି ଭାବେ ପ୍ରତିହତ କରାଯିବ ସେନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛି ଅବକାରୀ ବିଭାଗ। ଆଗକୁ ଉଭୟ ପୁଲିସ ଓ ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଚଢଉକୁ ବ୍ୟାପକ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ରାଜ୍ୟ ଅବକାରୀ କମିଶନର ନରସିଂହ ଭୋଳ।

# ଜନଜାତି ମହୋତ୍ସବ ଉଦ୍‌ଯାପିତ

**ଫିରିଙ୍ଗିଆ,୧।୧(ସମିସ)**



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ମିନିଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଜନଜାତି ମହୋତ୍ସବ ଉଦ୍ୟାପିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ କନ୍ଧମାଳ ଅଧୀନରେ ଫିରିଙ୍ଗିଆ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ବିଡିଓ ଅନୁପ ଅଭିଷେକ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ୟାପନୀ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଲିକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଫିରିଙ୍ଗିଆ କୁଇ ସମାଜ ସଭାପତି ମୁକୁନ୍ଦ କହଁର, ସମ୍ପାଦକ ଏସିଆ କହଁର, କୁଇ ଭାଷା ସାହିତ୍ୟ ସମିତିର ରାଜ୍ୟ ସଭାପତି ଦୀନବନ୍ଧୁ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମହିଳା ସଦସ୍ୟା ସୁଜାତା କହଁର, ଖଜୁରୀପଡ଼ା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁରଙ୍କ ସହ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦୁଇଦିନ ଧରି ବୁନା କହଁର, ଭୋଦେବ କହଁର ଓ ପ୍ରମୋଦ କହଁର ପରିଚାଳନା କରିଥିବାବେଳେ ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ ମଙ୍ଗଳ ସାମ୍ପ୍ରସରଣ ଅଧିକାରୀ ଇପ୍ସିତା ଜେନା, ଜୀବିକା ମିଶନ ସଂଯୋଜକ ସଂଗ୍ରାମ କେଶରୀ ସାହୁ, ମିଶନ ଶକ୍ତି ସଂଯୋଜକ ବଦଳ ନାଏକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣ ସିଂ, ପାରମ୍ପରିକ ଲୋକ କଳା ସଙ୍ଘର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଉଦ୍ୟାପନୀ ସନ୍ଧ୍ୟାରେ ମଧ୍ୟ କନ୍ଧମାଳ ଜିଲ୍ଲାର ଟିକାବାଲି, ବାଲିଗୁଡ଼ା, ଖଜୁରୀପଡ଼ା ବ୍ଲକ ସହ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବ୍ଲକ ପ୍ରଶାସନ ତରଫରୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସାଂସ୍କୃତିକ ଦଳ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସୁରତରେ ଦୁର୍ଘଟଣା

# ପ୍ରାଣ ହରାଇଲେ ଦୁଇ ଓଡ଼ିଆ ଯୁବକ

**ବେଲଗୁଣ୍ଠା,୧।୧(ସମିସ)**





ବେଲଗୁଣ୍ଠା ବ୍ଲକ ମଙ୍ଗଳପୁର ଗ୍ରାମର ସୀତାରାମ ପ୍ରଧାନଙ୍କ ପୁଅ ଗୁରୁମୂର୍ତ୍ତୀ ପ୍ରଧାନ (୨୭) ଏବଂ ଆସିକା ବ୍ଲକ ମଣ୍ଡାପଡ଼ା ଗ୍ରାମର ମୁରଲୀ ସେଠୀଙ୍କ ପୁଅ କାହ୍ନୁ ସେଠୀ ସୁରତର ସାଇନି ଅଞ୍ଚଳରେ ସୂତାକଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ରାତିରେ ଉଭୟେ ଏକ ମୋଟର ସାଇକଲ୍ ଯୋଗେ ବୁଲୁଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛକୁ ପିଟି ହୋଇ ଯାଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇ ପ୍ରାଣ ହରାଇଥିଲେ। ଏନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହେବା ସହିତ ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ କିଛି ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବଙ୍କ ସହାୟତାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଗୁରୁମୂର୍ତ୍ତୀଙ୍କ ମୃତ୍ୟୁ ଖବର ତାଙ୍କ ଗ୍ରାମ ମଙ୍ଗଳପୁରରେ ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗୁରୁମୂର୍ତ୍ତୀଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମବାସୀ ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ଦାବି କରାଯାଇଛି।

ନୂଆ ବର୍ଷରେ ବିଇଏମ୍‌ସିର ନୂଆ ଯୋଜନା

# ବଦଳିବ ୧୦ ବର୍ଷର ପୁରୁଣା ପରିମଳ ବ୍ୟବସ୍ଥା

**ବ୍ରହ୍ମପୁର,୧।୧(ସମିସ):**



ରେଶମ ସହର ବ୍ରହ୍ମପୁରକୁ ରାଜ୍ୟର ୧ନମ୍ବର ସହରରେ ପରିଗଣିତ କରିବା ପାଇଁ ଅଣ୍ଟା ଭିଡିଛି ବିଇଏମସି। ନୂଆବର୍ଷରେ ନୂଆ ଯୋଜନାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ। ସହରର ରାସ୍ତାଘାଟ, ପରିମଳ, ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ସୌନ୍ଦର୍ଯ୍ୟକରଣ ଓ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଁଞ୍ଚାଇବା ପାଇଁ ସବୁ ୱାର୍ଡରେ ୱାର୍ଡ ଅଫିସର ସହ ସହରର ସମସ୍ତ ଜଳାଶୟର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ନିଗମ ଅଧିନରେ ଥିବା ୪୨ଟି ୱାର୍ଡରେ ମୋଟ ୪୯ଟି ଜଳାଶୟ ଥିବା ବେଳେ ସେଥିମଧ୍ୟରୁ ୩୧ଟିର ପୁନଃରୁଦ୍ଧାର ଓ ଉନ୍ନତିକରଣ ପାଇଁ କାର୍ଯ୍ୟାଦେଶ ଦିଆସରିଛି। ଖୁବ୍‌ଶୀଘ୍ର ଅବଶିଷ୍ଟ ୧୮ଟିର କାର୍ଯ୍ୟାଦେଶ ସହ କାର୍ଯ୍ୟ ଆରମ୍ଭ ହେବ। ବେଡାବନ୍ଧ ଭଳି ବିରାଟକାୟ ଜଳାଶୟର କାର୍ଯ୍ୟ ଶେଷ ହେବାରେ ସାମାନ୍ୟ ବିଳମ୍ବ ହେବାକୁ ଥିଲେ ହେଁ ଏହା ସହରର ରାମଲିଙ୍ଗେଶ୍ୱର ଓ ରକ୍ ଗାର୍ଡେନ ଠାରୁ ଆକର୍ଷଣର କେନ୍ଦ୍ରସ୍ଥଳ ପାଲଟିବ ବୋଲି କହିଛନ୍ତି ବିଇଏମସି କମିଶନର ଜେ.ସୋନାଲ। ତେବେ ଫେବୃୟାରୀ ୧୫ତାରିଖ ସୁଦ୍ଧା ଅନ୍ୟୁନ ୧୦ଟି ଜଳାଶୟର କାର୍ଯ୍ୟ ଶେଷ କରିବାକୁ ଟାର୍ଗେଟ ରହିଥିବା ସେ କହିଛନ୍ତି। ସହରର ଅନେକ ଜଳାଶୟ କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଥିବା ବେଳେ ସେଗୁଡିକୁ ବିଇଏମସି ଅଧିନକୁ ଆସିବା ପରେ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ସହରର ମଧ୍ୟଭାଗରେ ୪କୋଟି ଟଙ୍କା ବ୍ୟୟରେ ମିଶନଶକ୍ତି ବଜାର ପାଇଁ ଟେଣ୍ଡର ସରିଥିବା ବେଳେ ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଯଦ୍ୱାରା ସହରର ମିଶନଶକ୍ତି ମହାସଂଘ ମାନଙ୍କୁ ନିଜନିଜ ପ୍ରସ୍ତୁତ ସାମଗ୍ରୀ ବିକ୍ରୀବଟା କରିବାକୁ ବଜାରର ସୁବିଧା ପାଇପାରିବେ। ସହରର ଅନ୍ୟତମ ପୁରାତନ ଗିରିମାର୍କେଟ କୋଠାକୁ ଭାଙ୍ଗି ଦିଆଯାଇଥିବା ବେଳେ ସେଠାରେ ପିପିପି ମୋଡରେ ପ୍ରାୟ ୩୫କୋଟି ଟଙ୍କା ବ୍ୟୟରେ ନୂତନ ମାର୍କେଟ ବିଲ୍ଡିଂ ପ୍ରତିଷ୍ଠା କରାଯିବ। ଗଞ୍ଜାମ ହାଟ ଭଳି ଏଠାରେ ମଧ୍ୟ ଆଗ୍ରହୀ ବ୍ୟବସାୟୀଙ୍କ ଠାରୁ ଅଗ୍ରୀମ ଅର୍ଥ ଆଦାୟ କରାଯିବ ବୋଲି ଜଣାପଡିଛି। କୋଠା ନିର୍ମାଣ ସହ ସମ୍ପୃକ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଯୋନ କରାଯିବ। ଏବଂ ଏହି ଅଞ୍ଚଳକୁ ନୋ ଭେହିକିଲ ଯୋନ ଭାବେ ଘୋଷଣା କରାଯିବାକୁ ଯୋଜନା କରିଛି ବିଇଏମସି। ସେହିଭଳି ସହରରେ ଖଲ୍ଲିକୋଟ କଲେଜ ସମ୍ମୁଖ ଓ ବିଜିପୁର ପୋଖରୀ ନିକଟରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇଛି। ଯେଉଁଠାରେ ଦୁଇଟି 'ଖାଓଗଳି' ବା "ଫୁଡକୋର୍ଟ' ପ୍ରତିଷ୍ଠା କରାଯିବ। ବିଜିପୁର ପୋଖରୀରେ ପୂର୍ବଭଳି ପୁଣି ବୋଟିଂର ବ୍ୟବସ୍ଥା କରାଯିବ। ସହରରେ ହେବାକୁ ଥିବା ଏହିସବୁ ପ୍ରକଳ୍ପ ପାଇଁ ବିଡିଏ ବା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ କାର୍ଯ୍ୟରତ ପିଏମୟୁ ବା ପ୍ରକଳ୍ପ ପରିଚାଳନା ଶାଖା ତଦାରଖ କରୁଛି। ୨୦୧୩ମସିହାରୁ ସହରରେ ପ୍ରଚଳିତ ଥିବା ପରିମଳ ଟେଣ୍ଡର ରଦ୍ଦ ହୋଇ ଖୁବ୍‌ଶୀଘ୍ର ଅର୍ଥାତ୍ ଜାନୁଆରୀ ୨୬ତାରିଖରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ସହରରେ ବିଭିନ୍ନ ସ୍ଥାନରେ ଥିବା ଡମ୍ପିଂ ପଏଣ୍ଟକୁ ଉଚ୍ଛେଦ କରାଯିବ। ସହରକୁ ମୋଟ ୫ଟି ଯୋନରେ ବିଭକ୍ତ କରାଯାଇ ୩ଟି ଘରୋଇ ସଂସ୍ଥାକୁ ପରିମଳ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଆପାତତଃ ସ୍ଥିର ହୋଇଛି। ବର୍ତ୍ତମାନ ସହରର ୪୨ଟି ୱାର୍ଡରେ ୫୩ଟି ମୁଁ ସଫେଇ ବାଲା ଗାଡି ଜରିଆରେ ଅଳିଆ ସଂଗ୍ରହ କରାଯାଉଥିବା ବେଳେ ଏହି ଗାଡି ସଂଖ୍ୟା ୧୩୨କୁ ବୃଦ୍ଧି କରାଯିବ। ସେହିଭଳି ୫ଟି ଯୋନରେ ସଫେଇ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ୯ଶହରୁ ୧୩ଶହକୁ ବୃଦ୍ଧି ପାଇବ। କର୍ମଚାରୀଙ୍କ ବାୟୋମେଟ୍ରିକ ଉପସ୍ଥାନ ସହ ଡିସପ୍ଲେ ବ୍ୟବସ୍ଥା ରହିବ। ଫଳରେ କର୍ମଚାରୀମାନେ ଆଉ କାର୍ଯ୍ୟରେ ଠକିବା ସମ୍ଭବପର ହେବନାହିଁ। ଲୋକଙ୍କ ନିକଟତର ହେବା ତଥା ନିଗମକୁ ଲୋକଙ୍କ ନିକଟକୁ ନେବା ଉଦ୍ଦେଶ୍ୟରେ ସବୁ ୱାର୍ଡରେ ୱାର୍ଡ ଅଫିସ ପ୍ରତିଷ୍ଠା କରାଯିବ। ୩୨ଟିର କାର୍ଯ୍ୟ ଶେଷ ହୋଇ ସାରିଥିବା ବେଳେ ୧୦ଟିରେ ଜମି ଚିହ୍ନଟରେ ଥିବା ସମସ୍ୟାର ସମାଧାନ ହୋଇସାରିଛି। ଏହି ପ୍ରକଳ୍ପ ମଧ୍ୟ ଖୁବ୍‌ଶୀଘ୍ର ଲୋକାର୍ପିତ ହେବ ବୋଲି କହିଛନ୍ତି କମିଶନର ଜେ.ସୋନାଲ। ସହରର ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିବା ୧୩୨ଟି ସିସିଟିଭି କ୍ୟାମେରା ସଂଖ୍ୟାକୁ ୨ଶହକୁ ବୃଦ୍ଧି କରାଯାଇଥିବା ବେଳେ ହାଇ ରିଜୋଲ୍ୟୁସନ କ୍ୟାମେରା ଲଗାଇବା ପାଇଁ ଯୋଜନା ରଖିଛି ବିଇଏମସି। ତେବେ ଏସବୁ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି ବିଇଏମସି କର୍ତ୍ତୃପକ୍ଷ। ନୂଆବର୍ଷରେ ଅନୌପଚାରିକ ସାକ୍ଷାତ ଆଲୋଚନା କରି ସାମ୍ବାଦିକମାନଙ୍କୁ ଏନେଇ ସୂଚନା ଦେଇଛନ୍ତି ବିଇଏମସି କମିଶନର। ଏଥି ସହିତ ପ୍ରତ୍ୟେକ ମାସର ଶେଷ କାର୍ଯ୍ୟଦିବସରେ ନିଗମ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଧୁମ୍‌ଧାମ୍‌ରେ ନୂଆ ବର୍ଷ ପାଳିତ

# ପର୍ଯ୍ୟଟନସ୍ଥଳୀରେ ଜମିଲା ଭିଡ଼

**ପାରଳାଖେମୁଣ୍ଡି,୧।୧(ସମିସ)**



ପାରଳାଖେମୁଣ୍ଡି ସହରରେ ଡିସେମ୍ବର ୩୧ ମଧ୍ୟ ରାତ୍ର 'ଜିରୋ ନାଇଟ'କୁ ଲୋକେ ଧୂମଧାମରେ ପାଳନ କରିଛନ୍ତି। ଅତି ହର୍ସ ଉଲ୍ଲାସର ସହ ବିଭିନ୍ନ ଢଙ୍ଗରେ ଲୋକେ ନୂଆ ବର୍ଷକୁ ସ୍ୱାଗତ କରିଥିଲେ।

ଏଥିଲାଗି ସମଗ୍ର ସହର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ହର୍ଷ ଉଲ୍ଲାସ, ସହ ସମସ୍ତେ ଏକତ୍ରିତ ହେବା ଆଦି ପରିଲକ୍ଷିତ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳମାନେ ନିଜ ନିଜର ଦଳୀୟ କର୍ମକର୍ତ୍ତାମାନଙ୍କୁ ପରସ୍ପର ମଧ୍ୟରେ ଭେଟି ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସେହିପରି ସରକାରୀ କର୍ମଚାରୀମାନେ ସେମାନଙ୍କ ଅଧିକାରୀମାନଙ୍କୁ ଭେଟି ନୂତନବର୍ଷର ଶୁଭେଚ୍ଛା ପ୍ରଦାନ କରିଥିବାର ଲକ୍ଷ୍ୟ କରାଯାଇଥିଲା। ଝିଅ ତଥା ମହିଳାମାନେ ନିଜ ନିଜ ଘର ସମ୍ମୁଖରେ ଝୋଟି ଆଙ୍କି ନୂଆ ବର୍ଷକୁ ସ୍ୱାଗତ କରିଥିଲେ। ସେହିପରି ଅନେକ ଲୋକେ ବିଭିନ୍ନ ମଠମନ୍ଦିରରେ ଭିଡ଼ ଜମାଇ ପୂଜାର୍ଚ୍ଚନା କରିଥିଲେ। ବିଶେଷ କରି ଗଜପତି ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗଣ୍ଡାହାତୀ ଜଳପ୍ରପାତରେ ବେଶ ଭିଡ଼ ଜମିଥିଲା। ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଉତ୍ତରପ୍ରଦେଶ ସମେତ ରାଜ୍ୟର କଟକ, ଭୁବନେଶ୍ୱର, ବ୍ରହ୍ମପୁରରୁ ଲୋକେ ଆସି ପ୍ରକୃତି ଭରା ସବୁଜିମା ମଧ୍ୟରେ ରହିଥିବା ଜଳପ୍ରପାତରେ ଗାଧୋଇବା ସହ ଭୋଜିଭାତ କରିଖାଇଥିଲେ। ଏହା ସହ ନୂତନ ବର୍ଷର ସ୍ୱାଗତ ନିମନ୍ତେ ନୃତ୍ୟଗୀତର ଆସର ଜମାଇଥିଲେ।

## ମହେନ୍ଦ୍ରଗିରିରେ ନୂଆ ସକାଳର ସୂର୍ଯ୍ୟ ଦେଖିଲେ ଶ୍ରଦ୍ଧାଳୁ



**ରାୟଗଡ଼:** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଥିବା ପୁଣ୍ୟକ୍ଷେତ୍ର ବା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିଠାରେ ଇଂରାଜୀ ନବବର୍ଷ ଅବସରରେ ନୂଆ ବର୍ଷର ନୂଆ ସକାଳର ସୂର୍ଯ୍ୟ ଦେଖିବା ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ରବିବାର ରାତିରେ ଅନେକ ପର୍ଯ୍ୟଟକ ମହେନ୍ଦ୍ରଗିରିରେ ରାତ୍ରିଯାପନ କରି ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷର ନୂଆ ସକାଳର ସୂର୍ଯ୍ୟ ଉଦୟ ଦେଖିବା ପାଇଁ ଗଞ୍ଜାମ, ଗଜପତି ଏବଂ ଆନ୍ଧ୍ର ପ୍ରଦେଶର ପର୍ଯ୍ୟଟକଙ୍କ ସୋମବାର ଦିନତମାମ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ମହେନ୍ଦ୍ରଗିରିଠାରେ ସୂର୍ଯ୍ୟୋଦୟର ଦୃଶ୍ୟ ଅତି ମନୋରମ ଅଟେ। ଏହାର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ ଯେଉଁଠାରେ କି ପ୍ରତ୍ୟେକ ଦିନ ଛଅଟି ଋତୁ ଉପଲବ୍ଧି କରି ହୁଏ ଏବଂ ଏକ ସମୟରେ ଚତୁର୍ଦ୍ଦିଗରେ ଚାରୋଟି ଋତୁର ବିଭିନ୍ନ ଦୃଶ୍ୟ ପରିଲକ୍ଷିତ ହୋଇଥାଏ। ଏହି ପର୍ବତରେ ସାମୟିକ ଭାବେ କୁହୁଡ଼ିର ଲୁଚକାଳି ଖେଳ ମଧ୍ୟରେ ଏକ ମିଟର ବ୍ୟାବଧାନରେ ଥିବା ଅନ୍ୟ ବସ୍ତୁ କିମ୍ବା ବ୍ୟକ୍ତିଙ୍କୁ ଆଖି ଆଗରୁ ଅଦୃଶ୍ୟ କରାଇ ଦିଏ। ତେଣୁ ପ୍ରତେକ ସମୟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଭୋଜିଭାତ କରିବା ସହ ପ୍ରାକୃତିକ ପରିବେଶର ମଜା ଉଠାଇ ଥାନ୍ତି ପର୍ଯ୍ୟଟକମାନେ। ବୁରୁଖତ ଠାରେ ରହିଥିବା ସାଧୁବାବାଙ୍କ ତତ୍ତ୍ୱାବଧାନରେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

# ବୁଦ୍ଧଖୋଲରେ ପର୍ଯ୍ୟଟକଙ୍କ ଭିଡ଼

**ବୁଗୁଡ଼ା,୧।୧(ସମିସ)**

ଇଂରେଜୀ ନବ ବର୍ଷରେ ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପଞ୍ଚଶମ୍ଭୁ ପୀଠ ଓ ପାଦଦେଶସ୍ଥ ଶିବପାର୍ବତୀଙ୍କ ମୂର୍ତ୍ତି ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିଲା। ଏଥିସହ ସୁଉଚ୍ଚ ହନୁମାନ ମୂର୍ତ୍ତି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବହୁ ସଂଖ୍ୟକ ପର୍ଯ୍ୟଟକ ଜଳ ପ୍ରପାତ ସ୍ନାନର ମଜା ଉଠାଉ ଥିବାବେଳେ ଅଧିକାଂଶ ପର୍ଯ୍ୟଟକ "ଆଇ ଲଭ୍ ବୁଦ୍ଧଖୋଲ" ଲେଖା ନିକଟରେ ନିଜ ନିଜର ଫଟୋ ଉତ୍ତୋଳନ କରି ଆନନ୍ଦିତ ହେଉଥିଲେ ଫଳରେ ବୁଦ୍ଧଖୋଲ ପାଦଦେଶ ଲୋକାରଣ୍ୟରେ ପରିଣତ ହୋଇଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଯାନବାହାନ ନିୟନ୍ତ୍ରଣ ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ନୂତନ ବର୍ଷର ପହିଲି ଦିନରେ ବୁଗୁଡ଼ା ସହରର ବିରଞ୍ଚି ନାରାୟଣ ମନ୍ଦିର ଏବଂ ବଳଦେବ ମନ୍ଦିରରେ ଠାକୁର ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।



# ନୂଆ ବର୍ଷ ପାଇଁ ଦଣ୍ଡାବାଡ଼ରେ ପର୍ଯ୍ୟଟକଙ୍କ ଭିଡ଼

## ବଣଭୋଜି ସହ ଜମୁଛି ନାଚଗୀତର ଆସର

ବୋରିଗୁମ୍ମା,୧।୧(ସମିସ)





ପର୍ଯ୍ୟଟନର ଗନ୍ତାଘର କୁହାଯାଉଥିବା ବୋରିଗୁମ୍ମା ବ୍ଲକ ଚମ୍ପାପଦର ପଞ୍ଚାୟତ ସ୍ଥିତ ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନ ଓ ଜଳ କ୍ରୀଡ଼ା ଏବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳ ଚମ୍ପାପଦର ପଞ୍ଚାୟତର ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନରେ ଏବେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ୨୦୨୩ ବର୍ଷର ଶେଷଦିନ ରବିବାର ଓ ନବ ବର୍ଷ ସୋମବାର ଦିନ ପର୍ଯ୍ୟଟନସ୍ଥଳ ଲୋକାରଣ୍ୟ ରହିଛି। ସେପଟେ ନୂଆ ବର୍ଷ ପାଳନ ପାଇଁ ଦଣ୍ଡାବାଡ଼ ଇକୋ-ପର୍ଯ୍ୟଟନରେ ଭୋଜିଭାତ ସାଙ୍ଗକୁ ନାଚଗୀତର ଆସର ଜମୁଛି। ଯାହାକୁ ନେଇ ଏବେ ବୋରିଗୁମ୍ମା ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି।

ବ୍ଲକ୍ ପ୍ରଶାସନ ଉପାନ୍ତ ଅଞ୍ଚଳରେ ଇକୋ-ଟୁରିଜିମ୍ କରି ଏହାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଭିତ୍ତିଭୂମିର ଉନ୍ନତିକରଣ ତଥା ସୌନ୍ଦର୍ଯ୍ୟକରଣ ସ୍ଥଳରେ ପରିଣତ କରିଛି। ଅନ୍ୟପଟେ କୋରାପୁଟ ଜିଲ୍ଲାର ଅନେକ ମନଲୋଭା ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଦଣ୍ଡାବାଡ଼ ଇକୋ ପର୍ଯ୍ୟଟନ ଓ ଜଳକ୍ରୀଡ଼ା ସ୍ଥଳ ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ ପାଲଟିଛି। ପ୍ରାକୃତିକ ପରିବେଶ ସହ ମୁରାନ ଜଳଭଣ୍ଡାରର ହୃଦୟସ୍ପର୍ଶୀ ଦୃଶ୍ୟ ସହ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ବିକଶିତ କାରୁକାର୍ଯ୍ୟ ଶହଶହ କୋଷରୁ ପର୍ଯ୍ୟଟକଙ୍କୁ ଟାଣି ଆଣିବାରେ ସକ୍ଷମ ହୋଇଛି। ଏଥିପାଇଁ ସରକାରଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ମଧ୍ୟ ଅନୁଦାନ ଆଣିବାରେ ସଫଳ ହେଉଛି। ଏବେ ଉପାନ୍ତ ଦଣ୍ଡାବାଡ଼ ଇକୋ-ପର୍ଯ୍ୟଟନ ସ୍ଥଳର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା କରିଛି ପ୍ରଶାସନ। ପର୍ଯ୍ୟଟକ ରାତ୍ରି ରହିବା ପାଇଁ ୭ଟି ସୁନ୍ଦର କଟେଜ ବ୍ୟବସ୍ଥା କରିଥିବାବେଳେ ଖାଇବା ପାଇଁ କ୍ୟାଣ୍ଟିନ ବ୍ୟବସ୍ଥା ଓ ସାମୂହିକ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତା' ସହିତ ସମ୍ପୂର୍ଣ୍ଣ ସବୁଜିମା ଜଙ୍ଗଲ ଦେଖିବା ପାଇଁ ସ୍ୱତନ୍ତ୍ର ଟୟ ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ପିଲା ଓ ବୟସ୍କମାନଙ୍କ ପାଇଁ ଅଲଗା ଅଲଗା ସ୍ୱିମିଙ୍ଗ ପୁଲ, ଶିଶୁଉଦ୍ୟାନ, ପାର୍କ, ଜଳକ୍ରୀଡ଼ା ପାଇଁ ପାୱାର ବୋଟର ସୁବିଧା ଉପଲବ୍ଧ ରହିଛି। ପର୍ଯ୍ୟଟକଙ୍କ ଆବଶ୍ୟକ ସୁବିଧା ପାଇଁ ପାନୀୟଜଳ, ଆଲୋକର ବ୍ୟବସ୍ଥା, ପାର୍କିଂର ସୁବିଧା, ଶୌଚାଳୟ ଓ ଭେଣ୍ଡିଙ୍ଗଜୋନ୍ ଇତ୍ୟାଦି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇରହିଛି। ପାଣି ଭିତରେ ବୋଟ୍ ମାଧ୍ୟମରେ ଟିକେ ଆଗକୁ ଗଲେ ଝରଣା ଏବଂ ଧଳା ଚକ୍ ଚକ୍ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଦେଖିପାରିବେ। ଏହାର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି ଇକୋ-ଟୁରିଜିମ୍ ଏବେ ଯୁବପିଢ଼ି ପାଇଁ ସେଲ୍ଫି ପଏଣ୍ଟ ପାଲଟିଛି। ଏହାର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେଲେ ପର୍ଯ୍ୟଟକଙ୍କ ଆଗମନରେ ସ୍ଥାନୀୟ ଅଞ୍ଚଳବାସୀଙ୍କର ଉନ୍ନତି ହୋଇପାରିବ ବୋଲି କୁହାଯାଇଛି। ବିଶେଷକରି ସମ୍ପୃକ୍ତ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପୃକ୍ତ ପର୍ଯ୍ୟଟନସ୍ଥଳୀରେ ନିଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରି ରୋଜଗାରକ୍ଷମ ହେବା ସହ ଲାଭବାନ ହୋଇପାରିବେ। ଗୋଟିଏ ପଟେ ମୁରାନ ନଦୀର ଅକାତ କାତ ପାଣି ସମୂହ ଅନ୍ୟ ପଟେ ସବୁଜମୟ ପାହାଡ଼ି ଉଦ୍ୟାନ ସତରେ ମନକୁ ମୋହିନେବା ପରି ଦୃଶ୍ୟ ପରିଲକ୍ଷିତ ହେଉଛି। ଏହାର ଉଚିତ୍ ରକ୍ଷଣାବେକ୍ଷଣ ହେଲେ ସ୍ଥାନୀୟ ଅଞ୍ଚଳ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତ ରଖିଛନ୍ତି ଆସୁଥିବା ପର୍ଯ୍ୟଟକ। ଇକୋ-ଟୁରିଜିମ ପାଇଁ ଏମଜିଏନଆରଇଜିଏ, ଏସ୍ଏଫ୍ସି, ଜିଆଇଏ (ଇନୋଭେଟିଭ୍ ପ୍ରାକ୍ଟିସ ), ନାଲକୋ ଏସଡିଏଫ ଏବଂ ବ୍ଲକର ପାଣ୍ଠି ମିଶି ଦେଢ଼କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଏହି ଇକୋ-ଟୁରିଜିମ। ଯାହା ଦ୍ୱାରା ଅଞ୍ଚଳରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିବା ସହ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ଏହା ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପରିଚାଳିତ ହେବ। ମହିଳାମାନେ ରୋଜଗାରର ମାଧ୍ୟମ ପାଇବେ ଏବଂ ପର୍ଯ୍ୟଟକମାନଙ୍କ ଭିଡ଼ ମଧ୍ୟ ଉପଲବ୍ଧି କରିବେ ବୋଲି ବ୍ଲକ୍ ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ କହିଛନ୍ତି।

# ଚାଟିକୋଣାରେ ପର୍ଯ୍ୟଟକଙ୍କ ଭିଡ଼

- ପାତାଳେଶ୍ୱର ମହାଦେବ ମନ୍ଦିର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ
- ଭୋଜିଭାତର ଆସର ସହ ଜଳ ପ୍ରପାତ ଓ ମନୋରମ ଦୃଶ୍ୟର ମଜା ଉଠାଉଛନ୍ତି ପର୍ଯ୍ୟଟକ

**ବିଷମ କଟକ,୧।୧(ସମିସ):** ୨୦୨୩କୁ ବିଦାୟ ଦେଇ ନୂତନ ବର୍ଷ ୨୦୨୪ର ଚାରି ଆଡ଼େ ଉତ୍ସବର ମାହୋଲ। ନୂତନ ବର୍ଷ ଉପଲକ୍ଷେ ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକର ଗାଁଠାରୁ ସହର ଚଳଚଞ୍ଚଳ ହୋଇଉଠିଛି। ସବୁଠି ଚାଲିଛି ନୂଆ ବର୍ଷର ମାହୋଲ। ବିଭିନ୍ନ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀରେ ଚାଲିଛି ଭୋଜିଭାତରର ଆସର। ନିଜ ପରିବାର, ସାଙ୍ଗ ସାଥିଙ୍କ ସହ ମନ୍ଦିର ଦର୍ଶନ କରିବା ସହ ଭୋଜିର ଆୟୋଜନ ଚାଲିଛି। ସେହିପରି ବିଷମ କଟକ ବ୍ଲକ ଅଧୀନରେ ରହିଥିବା ଚାଟିକୋଣା ପାତାଳେଶ୍ୱର ମହାଦେବ ମନ୍ଦିରରେ ମଧ୍ୟ ମହାଆଡ଼ମ୍ବରରେ ଚାଲିଛି ନୂତନ ବର୍ଷର ଉତ୍ସବ। ଏଠାରେ ରହିଛି ପ୍ରସିଦ୍ଧ ପାତାଳେଶ୍ୱରଙ୍କ ମହାଦେବ ମନ୍ଦିର, ମନ୍ଦିର ପାର୍ଶ୍ୱରେ ରହିଛି ଜଳ ପ୍ରପାତ ଏବଂ ତା' ସାଙ୍ଗକୁ ରହିଛି ନିୟମଗିରି ପାହାଡ଼ର ମନୋରମ ଦୃଶ୍ୟ। ପ୍ରତ୍ୟକ ବର୍ଷ ଏଠାରେ ନୂଆ ବର୍ଷ ପାଳନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାର ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ବହୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ ଏଠାରେ। ନୂଆ ବର୍ଷ ପାଳିବା ପାଇଁ ଏଠାରେ ସକାଳୁ ସକାଳୁ ଜିଲ୍ଲା ସମେତ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ମହାଦେବ ମନ୍ଦିର ଦର୍ଶନ କରିବା ସହ ଜଳ ପ୍ରପାତ ଓ ନିୟମଗିରି ପାହାଡ଼ର ମନୋରମ ଦୃଶ୍ୟର ଉପଭୋଗ କରିବା ସହ ନାଚଗୀତ ଓ ଭୋଜିଭାତର ଆସର ଜମିଥିଲା। ପ୍ରବଳ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କାରାଯାଇଥିଲା।



# ଜାଡ଼ରେ ଥରୁଛି ସେମିଳିଗୁଡ଼ା

**ସେମିଳିଗୁଡ଼ା,୧।୧(ସମିସ):** ଗତ ସପ୍ତାହରୁ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରରେ ପ୍ରବଳ ଶୀତ ଅନୁଭୂତ ହେଉଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ସନ୍ଧ୍ୟା ହେବା ପରେ ରାସ୍ତାଘାଟ ଶୂନଶାନ ହୋଇ ଯାଉଥିବାବେଳେ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସିଥିବା ଦେଖିବାକୁ ମିଳୁଛି। ଗତ କିଛି ଦିନରୁ ସେମିଳିଗୁଡ଼ା ଅଞ୍ଚଳରେ ପାରଦ ୭ ଡିଗ୍ରୀ ତଳକୁ ଖସି ଆସିଥିବାରୁ ଏହାର ପ୍ରବାହ ଜନଜୀବନ ଉପରେ ପଡ଼ିଛି। ଯାହାକି ରାଜ୍ୟରେ ସେମିଳିଗୁଡ଼ା ରେକର୍ଡ କରିଛି। ତାହା ସହିତ ପ୍ରବଳ କୁହୁଡ଼ି ଯୋଗୁଁ ରାସ୍ତାରେ ଯାନବାହନ ଚଳାଚଳ କରିବା କଷ୍ଟକର ହେଉଛି। ପୂର୍ବାହ୍ଣ ୧୧ଟା ଯାଏଁ କୁହୁଡ଼ିର ତୀବ୍ର ପ୍ରଭାବ ଥିବାରୁ ରାସ୍ତା ପୂରା ଅନ୍ଧକାର ହୋଇ ରହୁଛି। ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ୍ୟ ଥଣ୍ଡା ପବନ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି।



# ଜିଲ୍ଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ଚୟନ

**ମାଲକାନଗିରି,୧।୧(ସମିସ):** ମାଲକାନଗିରି ଜିଲ୍ଲାର ବିଭିନ୍ନ କଲେଜରେ ପାଳିତ ହୋଇଥିବା 'ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦରରେ ଥିବା ସଂସ୍କୃତି ଭବନଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏହାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ନୃତ୍ୟରେ ମୁନା ତନ୍ତି ଗ୍ରୁପ୍, ଈଶ୍ୱର ମାଡ଼କମି ଗ୍ରୁପ୍, ସୁଚିସ୍ମିତା ଦାସ ଗ୍ରୁପ୍ ଓ ସଙ୍ଗୀତରେ ପ୍ରିୟଦର୍ଶିନୀ ନାୟକ, କୈଳାସ ବାଗ, ମିନତୀ ସରଙ୍ଗିଆ ଗ୍ରୁପ୍ କୃତିତ୍ୱ ହାସଲ କରିଛନ୍ତି। ଏହି କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୩ ତାରିଖରେ ଷ୍ଟାଡିୟମରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ହେବାକୁ ଥିବା ସାଂସ୍କୃତିକ ମହାକୁମ୍ଭ ମହୋତ୍ସବରେ ସମ୍ମାନିତ କରାଯିବ।



# ଡ୍ରାଇଭର ମହାସଂଘ ପକ୍ଷରୁ ଶୋକସଭା



**ମାଲକାନଗିରି,୧।୧(ସମିସ):** ମାଲକାନଗିରି ଜିଲ୍ଲା ଓଡ଼ିଶା ଡ୍ରାଇଭର ମହାସଂଘ ଶାଖା ପକ୍ଷରୁ ଜିଲ୍ଲାର ରାଉଲିଗୁଡ଼ା ଗ୍ରାମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ବ୍ଲକ୍ ଅନ୍ତର୍ଗତ ରାଉଲିଗୁଡ଼ା ଗ୍ରାମର ଡ୍ରାଇଭର ସହଦେବ ଡ଼ାକଡଙ୍କ ଗତ ୧୯ ତାରିଖରେ ମୃତ୍ୟୁ ହୋଇଥିଲା। ତାଙ୍କର ମୃତ୍ୟୁକୁ ନେଇ ଜିଲ୍ଲା ଡ୍ରାଇଭର ସଂଘ ପକ୍ଷରୁ ଶୋକସଭା ପାଳିବା ସହ ସଂଘ ପକ୍ଷରୁ ତାଙ୍କ ପରିବାରର୍ଗକୁ ୧୫ ହଜାର ୬୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଶୋକସଭାରେ ଜିଲ୍ଲା ସଂଘ ସଭାପତି ଚିତ୍ରସେନ ବେହେରା, ମାଲକାନଗିରି ବ୍ଲକ୍ ସଭାପତି କ୍ରିଷ୍ଣା ଖୀଲ, ଛତ୍ର ଗୁରୁ, ସୋନୁ ଜେନାଙ୍କ ସମେତ ୭ଟି ବ୍ଲକର ଡ୍ରାଇଭରମାନେ ଯୋଗଦେଇଥିଲେ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ

**ମାଲକାନଗିରି,୧।୧(ସମିସ):** ମାଲକାନଗିରି ଜିଲ୍ଲା ସଦରରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଉପଜିଲ୍ଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ, ସମ୍ମାନିତ ଅତିଥି ଭାବେ 'ନୂଆ-ଓ' କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ଡ. ରଞ୍ଜନ କୁମାର ସ୍ୱାଇଁ, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ଡି.ପି. ମିଶ୍ର ଓ ରାୟଗଡ଼ା ମହାବିଦ୍ୟାଳୟର ଏନସିସି ଅଧିକାରୀ ଉଦୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଗତ ଦିନରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା କ୍ରୀଡ଼ା, ସାଂସ୍କୃତିକ ଓ ସମାଜସେବା କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ରହିଥିବା ଲୁକ୍କାୟିତ ପ୍ରତିଭା ପ୍ରଦର୍ଶିତ ହୋଇପାରିବ। ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ଉପସ୍ଥିତି ଅତିଥି ଏବଂ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ କେ.ଗୋପାଳ ରାଓ, ଦୁର୍ଗାପ୍ରସାଦ ପଟ୍ଟନାୟକ ପ୍ରମୁଖ ପ୍ରକାଶ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



# ପାରମ୍ପରିକ ନୃତ୍ୟଗୀତରେ ନୂଆ ବର୍ଷକୁ ସ୍ୱାଗତ

**ମାଲକାନଗିରି,୧।୧(ସମିସ):** ସୋମବାର ହେଉଛି ୨୦୨୪ ନୂଆ ବର୍ଷର ପ୍ରଥମ ଦିନ। ଏହି ନୂଆ ବର୍ଷର ସ୍ୱାଗତ ଓ ପୁରୁଣା ବର୍ଷକୁ ବିଦାୟ ଜଣାଇ ମାଲକାନଗିରି ଜିଲ୍ଲାବାସୀ ବିଭିନ୍ନ ସ୍ଥାନରେ ଭୋଜିଭାତ ସହିତ ଜିରୋ ନାଇଟ୍ ପାଳନ ଓ ନାଚଗୀତରେ ମସଗୁଲ ଥିବା ଦେଖିବାକୁ ମିଳିଛି। ଆନନ୍ଦ ଉତ୍ସାହ ମଧ୍ୟରେ ସମସ୍ତେ ପରସ୍ପରକୁ ଅଭିନନ୍ଦନ ଓ ଶୁଭକାମନା ଜଣାଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ଉପାୟରେ ନୂଆ ବର୍ଷ ପାଳନ କରୁଛନ୍ତି ଲୋକେ। ବିଶେଷକରି ମାଲକାନଗିରି ଜିଲ୍ଲା ସଦର ମହକୁମାରୁ କିଛି ଦୂରରେ ଥିବା ସତୀଗୁଡ଼ା ଇକୋ ପାର୍କରେ ସୋମବାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ସତୀଗୁଡ଼ା ଜଳଭଣ୍ଡାରରେ ବୋଟ୍ ଚାଳନାର ମଜା ଉଠାଇବା ସହ ସେଠାରେ ଥିବା ପାର୍କରେ ଲୋକେ ଭରପୂର ମଜା କରୁଥିବା ଦେଖିବାକୁ ମିଳିଛି।

ସେହିପରି ପଦ୍ମଗିରି ଯଦୁଗୁଡ଼ାଠାରେ ଥିବା ଜଉପାହାଡ଼ରେ ଓ ବନ ବିଭାଗର ସବୁଜ ଉଦ୍ୟାନରେ ମଧ୍ୟ ପର୍ଯ୍ୟଟକମାନେ ବଣଭୋଜିର ମଜା ନେଇଥିଲେ। ଜିଲ୍ଲାର ଚିତ୍ରକୋଣ୍ଡା ଇକୋ ପାର୍କରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼ ରାଜ୍ୟରୁ ଶତାଧିକ ପର୍ଯ୍ୟଟକ ପରିଦର୍ଶନରେ ଆସି ସବୁଜ ଉଦ୍ୟାନର ମନଲୋଭା ଦୃଶ୍ୟ ଉପଭୋଗ କରିଥିଲେ। ଏହାସହ ଜିଲ୍ଲାର ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନଗୁଡ଼ିକରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ସେହିପରି ରବିବାର ରାତିରେ ଲୋକେ ଜିରୋ ନାଇଟ୍ ପାଳନ କରିଥିବାବେଳେ ଜିଲ୍ଲା ସଦର ମହକୁମାର ଡିଏନକେ ମଇଦାନ, ମାଲକାନଗିରି ସୁଭାଷ ବୋଷ ଛକ, ବଣ୍ଡାବାକୁଲିଗୁଡ଼ା, ରିକ୍ଲାମେସନ ସାହି ଭଳି ସହରର ବିଭିନ୍ନ ସାହିର ଲୋକେ ବିଳମ୍ବିତ ରାତି ଯାଏଁ ଜିରୋ ନାଇଟ ପାଳିଥିଲେ। ଅଲ୍ ଓଡ଼ିଶା ମାର୍ଶଲ ଆର୍ଟ ଏକାଡେମୀ ଆଓମା ଗୁରୁକୁଳରେ ଛାତ୍ରଛାତ୍ରୀମାନେ ୩୧ ତାରିଖ ରାତିତମାମ ସୁସଜ୍ଜିତ ଆଲୋକମାଳା ସହିତ ଜିରୋ ନାଇଟ ଓ ରାତିତମାମ ପାରମ୍ପରିକ ଆଦିବାସୀ ନାଚଗୀତରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି।



# ଇଂରାଜୀ ନବ ବର୍ଷକୁ ଧୁମ୍‌ଧାମ୍‌ରେ ସ୍ୱାଗତ

**ନନ୍ଦପୁର,୧।୧(ସମିସ):** ଇଂରାଜୀ ନବ ବର୍ଷକୁ ନନ୍ଦପୁର ଅଞ୍ଚଳବାସୀ ଧୁମ୍‌ଧାମ୍‌ର ସହ ସ୍ୱାଗତ କରିଛନ୍ତି। ବିଭିନ୍ନ ବର୍ଗର ଲୋକେ ଭିନ୍ନ ଭିନ୍ନ ଢ଼ଙ୍ଗରେ ଇଂରାଜୀ ନବ ବର୍ଷକୁ ସ୍ୱାଗତ କରିଛନ୍ତି। ମୁଖ୍ୟତଃ ଯୁବ ଗୋଷ୍ଠୀ ମଧ୍ୟରେ ନୂଆ ବର୍ଷ ପାଳନର କ୍ରେଜ୍ ରବିବାର ବିଳମ୍ବିତ ରାତିରୁ ଦେଖିବାକୁ ମିଳିଥିଲା। ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ଯୁବଗୋଷ୍ଠୀ ଜିରୋ ନାଇଟ ସେଲିବ୍ରେସନ୍ କରିଛନ୍ତି। ରବିବାର ମଧ୍ୟରାତ୍ରରେ କେକ୍ କାଟିବା ସହ ବାଣ ଫୁଟାଇ ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। କିଏ ପରିବାର ସହିତ ତ କିଏ ପର୍ଯ୍ୟଟନସ୍ଥଳୀରେ ସାଙ୍ଗଙ୍କ ଗହଣରେ ନୂଆ ବର୍ଷ ସିଲିବ୍ରେସନ୍ କରିଛନ୍ତି। ନୂଆ ବର୍ଷ ପାଇଁ ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଦେଖିବାକୁ ମିଳିଥିବାବେଳେ ରାସ୍ତା କଡ଼ ଗଛ, ପାର୍କରେ ମଧ୍ୟ ଭୋଜିର ଆସର ଜମିଥିବା ନଜରକୁ ଆସିଥିଲା। ନୂଆ ବର୍ଷରେ ବିଦ୍ୟାଳୟ, କଲେଜ ଛୁଟି ଥିବାବେଳେ ଭୋଜି ସହ ମୌଜ ମସ୍ତିରେ ଦିନ ବିତାଇଛନ୍ତି ଅଞ୍ଚଳବାସୀ। ସଞ୍ଜ ନାଇଁବା ଯାଏଁ ଆମିଷ ଦୋକାନରେ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି।

# ଧୁମ୍‌ଧାମ୍‌ରେ ଜିରୋ ନାଇଟ୍ ପାଳନ



**ଗୁଣୁପୁର,୧।୧(ସମିସ):** ୨୦୨୩ ବର୍ଷକୁ ବିଦାୟ ଓ ୨୦୨୪ ବର୍ଷକୁ ସ୍ୱାଗତ କରିବା ଅବସରରେ ପଲ୍ଲୀଠୁ ସହର ଉତ୍ସବମୁଖର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଗୁଣୁପୁର ସହରରେ ବିଭିନ୍ନ ସ୍ଥାନରେ ଭୋଜିଭାତ ସାଙ୍ଗକୁ ଲାଇଟ୍, ମ୍ୟୁଜିକ୍ ଲଗାଇ କେକ୍ କାଟି ନୂତନ ବର୍ଷକୁ ସ୍ୱାଗତ କରାଯାଇଛି। ବିଭିନ୍ନ ହୋଟେଲରେ ସ୍ୱତନ୍ତ୍ର ଭାବେ ଖାଦ୍ୟ ବ୍ୟବସ୍ଥା କରାଯାଇଥିବାରୁ ସେଠାକୁ ପରିବାର ଓ ସାଙ୍ଗସାଥୀମାନେ ମିଶି ଭୋଜନ କରି ମଜା ନେଇଥିଲେ। ସୋମବାର ନୂତନ ବର୍ଷର ପ୍ରଥମ ଦିନ ଅବସରରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଖ୍ରୀଷ୍ଟମାସ ଓ ଇଂରାଜୀ ନବ ବର୍ଷ ଉତ୍ସବ






**ନନ୍ଦପୁର,୧।୧(ସମିସ):** ଯିଶୁ ଖ୍ରୀଷ୍ଟ ଥିଲେ ଶାନ୍ତି ଓ ସଦ୍‌ଭାବନାର ପ୍ରତୀକ ବୋଲି କହିଛନ୍ତି ପଟାଙ୍ଗି ବିଧାୟକ ପିତମ ପାଢ଼ୀ। ନନ୍ଦପୁର ବ୍ଲକ୍ ସଦର ସ୍ଥିତ ସର୍ବପୁରାତନ ଜେଇଏଲ୍‌ସି ଚର୍ଚ୍ଚରେ ଖ୍ରୀଷ୍ଟ ମାସ ଓ ଇଂରାଜୀ ନବ ବର୍ଷ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ନୂଆ ବର୍ଷର ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ଏଥିରେ କୁନି କୁନି କଳାକାରମାନେ ଅତି ସୁନ୍ଦର ଭାବେ ନୃତ୍ୟ ପ୍ରଦର୍ଶନ କରି ଅତିଥିଙ୍କ ମନ ଜିଣିଥିଲେ। ବିଶେଷ ଅତିଥି ଭାବେ ଜୟପୁର ବିଶପ ବିଧାନ କୁମାର ନାୟକ ଯୋଗଦେଇ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜୀବନୀର ରହସ୍ୟ ବାର୍ତ୍ତାକୁ ଉଜାଗର କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ କିରଣ ପ୍ରକାଶ ପଣ୍ଡା, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅତିଥି ଆଗୁଆ ନବ ବର୍ଷର ଶୁଭେଚ୍ଛା ଦେଇ ଆୟୋଜିତ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗନେଇଥିବା ସେମିଳିଗୁଡ଼ା, କୁଲାବିର, ହଞ୍ଜାରାଗୁଡ଼ା, ନନ୍ଦପୁର ବେରସବା ଚର୍ଚ୍ଚ, ସେମିଳିଗୁଡ଼ା ବିସିଜି, ନନ୍ଦପୁର ଜେଇଏଲ୍‌ସି, ବାଡେଲ ବେରସବା, ସୁନାବେଡ଼ା, ଦାମନଯୋଡ଼ି, ପାଡୁଆ ଆଦିର ଚର୍ଚ୍ଚରୁ ଆସିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ନନ୍ଦପୁର ଜେଇଏଲ୍‌ସି ଚର୍ଚ୍ଚ ପାଳକ ବିମଳ ରାଓ ସ୍ମିଥ, କମଳ ରାଓ ସ୍ମିଥ, ନବୀନ ଖରା, ଉର୍ମିଳା କୁଳଦିପ, ମୋହନ ରାଓ ସ୍ମିଥ, ଟଙ୍କଧର ଖରା, ଭଗବାନ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରିଥିବା କଳାକାରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବହୁ ସଂଖ୍ୟାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ଯୋଗଦେଇଥିଲେ।

# କାଗଜକଲ ଅବସରପ୍ରାପ୍ତ କର୍ମଚାରୀ ସଂଘର ବିକ୍ଷୋଭ

ଜୟପୁର,୧।୧(ସମିସ)



କୋରାପୁଟ ଜିଲ୍ଲା ଜୟପୁର ଉପକଣ୍ଠ ଗାଗନାପୁର ସ୍ଥିତ ସେବା କାଗଜକଳର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ଯୁଗ୍ମ ଶ୍ରମ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜୟପୁର ମୁଖ୍ୟ ଟ୍ରାଫିକ ଛକରୁ ଶ୍ରମିକମାନେ ବାହାରି ଶ୍ରମ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିପତ୍ର ମାଧ୍ୟମରେ କାଗଜକଲକୁ ନିୟମିତ ପରିଚାଳନା ଏବଂ ଅବସରପ୍ରାପ୍ତ ଓ ବର୍ତ୍ତମାନ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ମାସିକ ଦରମା, ବକେୟା ଟଙ୍କା ଏବଂ ଅନ୍ୟାନ୍ୟ ସରକାରୀ ନିୟମ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି କରାଯାଇଛି।

୨୦୨୦ରୁ ଏହି କାରଖାନା ମଦର ଆର୍ଥ ନାମକ ଏକ ନୂତନ କମ୍ପାନୀକୁ ବିକ୍ରି ହେଲା ପରେ ଗତ ଚାରିବର୍ଷରେ ନୂଆ କମ୍ପାନୀ ୨୦୮ କୋଟି ଟଙ୍କା ଋଣ କରିଛନ୍ତି। ୨୦୨୩ ମାର୍ଚ୍ଚ ୧୭ ତାରିଖରେ କାରଖାନା ପରିଚାଳନା କର୍ତ୍ତୃପକ୍ଷ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଆସନ୍ତା ୪ ମାସ ମଧ୍ୟରେ ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ସମସ୍ତ ଟଙ୍କା ମିଳିପାରିଲା ନାହିଁ କି କାର୍ଯ୍ୟରତ ଶ୍ରମିକମାନଙ୍କୁ ଚାରି ମାସ ହେଲା ଦରମା ମିଳିନାହିଁ। କଞ୍ଚାମାଲ ଓ ରସାୟନିକ ପଦାର୍ଥ ଅଭାବ ଯୋଗୁଁ କାରାଖାନା ବାରମ୍ବାର ବନ୍ଦ ରହୁଛି। ସମ୍ପୂର୍ଣ୍ଣ ଦରମା ବଦଳରେ ମୂଳ ଦରମାରୁ ଟଙ୍କା କମାଇ କାରାଖାନା କର୍ତ୍ତୃପକ୍ଷ ପ୍ରଦାନ କରୁଛନ୍ତି। ମାସିକ ଦରମା ସ୍ଲିପ୍ ମଧ୍ୟ କର୍ମଚାରୀଙ୍କୁ ପ୍ରଦାନ କରୁନାହିଁ। ଶ୍ରମ ବିଭାଗର ମଧ୍ୟସ୍ଥିରେ ଆଲୋଚନାର ନିଷ୍ପତ୍ତିକୁ କାରଖାନା କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି କିମ୍ବା ପରବର୍ତ୍ତୀ ବୈଠକରେ କର୍ମଚାରୀଙ୍କ ଦାବି ନେଇ ନିଷ୍ପତ୍ତି ଗ୍ରହଣ କରିବାକୁ କହି ଠକି ଚାଲିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତେଣୁ ସେବା କାଗଜକଳ କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ପାଇଁ ଯୁଗ୍ମ ଶ୍ରମ କମିଶନର ତୁରନ୍ତ ମିଳିତ ବୈଠକ ଡାକିବାରୁ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, '୫-ଟି' ଅଧ୍ୟକ୍ଷ, ଶ୍ରମ ମନ୍ତ୍ରୀ, ଶ୍ରମ କମିଶନରଙ୍କୁ ଦିଆଯାଇଛି। କାର୍ଯ୍ୟାଳୟରେ ଯୁଗ୍ମ ଶ୍ରମ କମିଶନର ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତିରେ ଉପ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ମଙ୍ଗଳବାର ଯୁଗ୍ମ ଶ୍ରମ କମିଶନରଙ୍କୁ ସାକ୍ଷାତ କରାଯାଇ ଆଲୋଚନା କରାଯିବ ବୋଲି କର୍ମଚାରୀ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ସଂଘର କର୍ମକର୍ତ୍ତାଙ୍କୁ ନେଇ ଏହି ଶୋଭାଯାତ୍ରାକୁ ସଂଘର ସଭାପତି ଶ୍ରୀ ମହାନ୍ତି, ମିଳିତ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳ, କର୍ମଚାରୀ ସଂଘର ସମ୍ପାଦକ ପ୍ରଦୀପ ପାଣ୍ଡିଆ, ସହସମ୍ପାଦକ ବନମାଳି ପାତ୍ର, ନାରାୟଣ ଦାଶ, ବସନ୍ତ ବେହେରା, ପ୍ରମୋଦ ତିୱାରୀ, ଅଲେଖ ପାତ୍ର, କେ.ସତ୍ୟନାରାୟଣ, ଉମା ଶତପଥୀ, ପ୍ରହ୍ଲାଦ ମଲ୍ଲିକ, ବିଚିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

